

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୪ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 14 December 2024

Vol.No. 35 ■ No.332 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଅଲ୍ଲୁ ଅର୍ଜୁନଙ୍କୁ ମିଳିଲା ଅନ୍ତରୀଣ ଜାମିନ

ଅଲ୍ଲୁ ଅର୍ଜୁନ ଗିରଫ ହେବା ଘଟଣା: ମୃତ ମହିଳାଙ୍କ ସ୍ୱାମୀ କହିଲେ ମାମଲା ଉଠାଇ ନେବେ

ନୂଆଦିଲ୍ଲୀ, ୧୩/୧୨ : ତେଲୁଗୁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କୁ ବଡ଼ ଆଶ୍ୱସ୍ତି । ହାଇକୋର୍ଟରୁ ତାଙ୍କୁ ମିଳିଲା ଅନ୍ତରୀଣ ଜାମିନ । ଦଳାଚକଟାରେ ଜଣେ ମହିଳାଙ୍କ ମୃତ୍ୟୁ ମାମଲାରେ ଆଜି ଗିରଫ ଅଲ୍ଲୁ ଅର୍ଜୁନଙ୍କୁ ତଳକୋର୍ଟ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିବା ବେଳେ ହୋଇକୋର୍ଟରୁ ତାଙ୍କୁ ମିଳିଛି ଅନ୍ତରୀଣ ଜାମିନ । ତାଙ୍କୁ ୪ ସପ୍ତାହ ପାଇଁ ଅନ୍ତରୀଣ ଜାମିନ ମିଳିଛି । ଅନ୍ତରୀଣ ଜାମିନ ଦେବା ବେଳେ ହାଇକୋର୍ଟ କହିଥିଲେ ଯେ ଅଲ୍ଲୁ ଅର୍ଜୁନ ଜଣେ ଅଭିନେତା ହୋଇଥିଲେ ହେଁ, ଜଣେ ସାଧାରଣ ନାଗରିକ ଭାବେ ତାଙ୍କର ମଧ୍ୟ ଜୀବନ ଓ ସ୍ୱାଧୀନତାର ଅଧିକାର ରହିଛି । ସେ କେବଳ ତାଙ୍କ ଫିଲ୍ମର ପ୍ରିମିୟର ପାଇଁ ସେହି ଥିଏଟରକୁ ଯାଇଥିଲେ । ତେଣୁ ତାଙ୍କୁ ଏହି ଘଟଣା ପାଇଁ ଦାୟୀ କରାଯାଇପାରିବ ନାହିଁ । ଡିସେମ୍ବର ୪ ତାରିଖରେ ପୁଷ୍ପା-୨ର ସ୍କ୍ରିନିଂ ବେଳେ ହାଇଦ୍ରାବାଦର ଜଣାଶୁଣା ସନ୍ଧ୍ୟା ଥିଏଟରରେ ପହଞ୍ଚିଥିଲେ ଅଲ୍ଲୁ ଅର୍ଜୁନ । ତାଙ୍କୁ ଦେଖିବା ପାଇଁ ଫ୍ୟାନମାନଙ୍କର ପ୍ରବଳ ଭିଡ଼ ଜମି ଥିଲା । ଫଳରେ ଠେଲାପେଲା ଓ ଦଳଚକଟା ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା । ତାଙ୍କ ନାବାଳକ ପୁଅ ଆହତ ମଧ୍ୟ ହୋଇଥିଲେ । ଏହି ଘଟଣା ପରେ ମୃତ ମହିଳା ରେବତୀଙ୍କ ସ୍ୱାମୀ ଭାସ୍କର ଥାନାରେ ଅଲ୍ଲୁ ଅର୍ଜୁନ, ତାଙ୍କ ସୁରକ୍ଷା କର୍ମୀ ଓ ଥିଏଟର କର୍ତ୍ତୃପକ୍ଷଙ୍କ ବିରୋଧରେ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ପୁଲିସ ଗ୍ରହଣ କରି ମାମଲା ରୁଜୁ କରିଥିଲା । ଆଜି ପୁଲିସ ଅଲ୍ଲୁ ଅର୍ଜୁନଙ୍କୁ ଗିରଫ କରି ନାମପଲ୍ଲୀ କୋର୍ଟରେ ହାଜର କରିଥିଲା । କୋର୍ଟ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ । ତେବେ ଏହାର କିଛି ସମୟ ପରେ ହାଇକୋର୍ଟ ଅଲ୍ଲୁଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ ।

▶▶ପୃଷ୍ଠା ୭

ରାଜ୍ୟସଭା ଉପନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ସୁଜିତ୍ କୁମାର

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ରାଜ୍ୟସଭା ଉପନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ସୁଜିତ୍ କୁମାର । ସୁଜିତ କୁମାର ଏକମାତ୍ର ପ୍ରାର୍ଥୀ ଭାବେ ବିଜେପିରୁ ନାମାଙ୍କନ ଦାଖଲ କରିଥିଲେ । ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ସୁଜିତ୍ ସଂସଦରେ କଳାହାଣ୍ଡି ତଥା ଓଡ଼ିଶା ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଜେଡିରୁ ନେତା ମୁହଁ ଫେରାଇବା ଆରମ୍ଭ କଲେଣି । କଳାହାଣ୍ଡିର ୮୦% ପଞ୍ଚାୟତ ପ୍ରତିନିଧି ବିଜେପିରେ ମିଶି ସାରିଲେଣି । ଆଗାମୀ ଦିନରେ ଅନେକ ନେତା ବିଜେପିରେ ମିଶିବେ । ଗତ ସେପ୍ଟେମ୍ବର ମାସରେ ସୁଜିତ କୁମାର ରାଜ୍ୟସଭାରୁ ଇସ୍ତଫା ଦେବା ପରେ ଏହି ଆସନଟି ଖାଲି ପଡ଼ିଥିଲା । ସେ ରାଜ୍ୟସଭା ପଦ ସହିତ ବିଜେଡିରୁ ମଧ୍ୟ ଇସ୍ତଫା ଦେଇଥିଲେ । ପରେ ବିଜେପିରେ ମିଶିଥିଲେ । ଖାଲି ଥିବା ଏହି ଗୋଟିଏ ରାଜ୍ୟସଭା ପଦବୀ ପାଇଁ

▶▶ପୃଷ୍ଠା ୭

ଏବର୍ଷ ଆଉ ସ୍ୱାଭାବିକ ହେବନି ବିମାନସେବା

ରାଉରକେଲା, ୧୩/୧୨ (ନି.ପ୍ର): ରାଉରକେଲା ବିମାନସେବା ପରିଚାଳନା ଦାୟିତ୍ୱରେ ଆଲିଆନ୍ସ ଏୟାର ଥିବା ପର୍ଯ୍ୟନ୍ତ, ପୂର୍ଣ୍ଣକାଳୀନ ସେବା ପାଇବାରୁ ସହରବାସୀ ବଞ୍ଚିତ ହେବା ଜଳଜଳ ହୋଇ ଦିଶୁଛି । ମନଇଚ୍ଛା ଅଘୋଷିତ ବିମାନ ବାତିଲ ହେବା ନିତିଦିନିଆ ହେଲାଣି । ଏବେ କୋଲକାତାକୁ ପୂର୍ବ ନିର୍ଦ୍ଧାରିତ ସମୟନୁସାରେ ଉଡ଼ିବା ନେଇ ଅନିଶ୍ଚିତତା ଦେଖାଦେଲାଣି । ପ୍ରାୟ ମାସେ ହେଲା ବିମାନ ଅଭାବ ଯୋଗୁ ରାଉରକେଲା-ଭୁବନେଶ୍ୱର ବିମାନଉଡ଼ାଣ ସପ୍ତାହକୁ ତିନି ଦିନ ବନ୍ଦ ରହିଛି । ଡିସେମ୍ବର ୧୫ ତାରିଖରୁ ଏହା ସ୍ୱାଭାବିକ ହେବବୋଲି କହାଯାଇଥିଲା, କିନ୍ତୁ ଏହା ବାସ୍ତବ ରୂପ ନେଇପାରୁନି । କାରଣ ଡିସେମ୍ବର ୩୧ ତାରିଖଯାଏ ପୂର୍ବବତ୍ ତିନିଦିନ ବିମାନସେବା ବନ୍ଦ ରହିବ । ସଦ୍ୟ ପ୍ରକାଶିତ ବିମାନଉଡ଼ାଣ ସୂଚୀରୁ ଏହା ସ୍ପଷ୍ଟ ହୋଇଛି । ପୂର୍ବରୁ ପ୍ରତିଦିନ ରାଉରକେଲାରୁ ଭୁବନେଶ୍ୱରକୁ ବିମାନ ଉଡୁଥିବାବେଳେ ଏବେ ଏହା କେବଳ ସପ୍ତାହକୁ କେବଳ ୪ ଦିନ, ସୋମବାର, ବୁଧବାର, ଶୁକ୍ରବାର ଓ ଶନିବାର ବିମାନ ଉଡୁଛି । ଅନ୍ୟ ତିନି ଦିନ ମଙ୍ଗଳବାର,

▶▶ପୃଷ୍ଠା ୭

ପ୍ରେମିକା ପାଇଁ ଗୁଳି କରି ସ୍ତ୍ରୀଙ୍କୁ ମାରିଦେଲେ: ଗାଁ ଲୋକଙ୍କୁ କହିଥିଲେ ଆଇମାଆ କାହାଣୀ

ସୁନ୍ଦରଗଡ, ୧୩/୧୨ (ନି.ପ୍ର): ପ୍ରେମିକା ପାଇଁ ରାତି ଅଧରେ ଗୁଳି କରି ସ୍ତ୍ରୀଙ୍କୁ ମାରିଦେଲେ । ଧରି ପଡ଼ିଯିବା ଭୟରେ ପିସ୍ତଲକୁ ଭାତ ହାଣ୍ଡିରେ ଲୁଚାଇ ରଖିଥିଲେ । ଆଉ ଗାଁ ଲୋକ ଓ ପୁଲିସ୍‌କୁ କହିଥିଲେ ଆଇମାଆ କାହାଣୀ । ଗତ ବୁଧବାର ସୁନ୍ଦରଗଡ଼ ଜିଲ୍ଲାରେ ଘଟିଥିବା ଏହି ବୀଭତ୍ସ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ପୁଲିସ୍ । ଏହି ମାମଲାରେ ହତ୍ୟାକାରୀ ସ୍ୱାମୀ ଓ ପୁଲିସ୍ ଏଏସ୍‌ଆଇ ଭିଣୋଇଙ୍କୁ ଗିରଫ କରିଛି ପୁଲିସ୍ । ଟିକାୟତପାଲି ଥାନା ଝିରଡାପାଲି ଗାଁର ଦେବେନ୍ ବେହେରା ପେସାରେ ହେଉଛନ୍ତି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ । ସେ ଗୁରୁଣ୍ଡିଆ ବ୍ଲକ ଅଞ୍ଚଳରେ ପିଇଓ ଭାବେ କାର୍ଯ୍ୟ କରୁଥିଲେ ।

▶▶ପୃଷ୍ଠା ୭

ପୁଲିସ ପତ୍ନୀଙ୍କୁ ହତ୍ୟା ଉଦ୍ୟମ କରି ପୁଲିସ ସ୍ୱାମୀ ନିଲମ୍ବିତ

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ପୁଲିସ ପତ୍ନୀଙ୍କୁ ହତ୍ୟା ଉଦ୍ୟମ କରି ନିଲମ୍ବିତ ହେଲେ ପୁଲିସ ସ୍ୱାମୀ । ନିଲମ୍ବିତ ପୁଲିସ କର୍ମଚାରୀଙ୍କ ନାଁ ଜ୍ୟୋତି ପ୍ରଧାନ । ସେ ରିଜର୍ଭ କନଷ୍ଟେବଲ ଭାବେ

▶▶ପୃଷ୍ଠା ୭

ଥଣ୍ଡା ବଢ଼ିବା ସହ ଜାଡ଼ ଆରମ୍ଭ: ଓଡ଼ିଶାର ଦାର୍ଜିଲିଂରେ ପାରା ପହଞ୍ଚିଲା ୮.୪ ଡିଗ୍ରି

ଘୁ. ଉଦୟଗିରି, ୧୩/୧୨ (ନି.ପ୍ର): ଦିନକୁ ଦିନ ଖସୁଛି ତାପମାତ୍ରା । ବଢୁଛି ଥଣ୍ଡା । ଥଣ୍ଡା ବଢ଼ିବା ସହ ଜାଡ଼ ଆରମ୍ଭ ହୋଇଯାଇଛି । କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ଅଞ୍ଚଳରେ । ଗତବର୍ଷ ଥଣ୍ଡାର ସହର ଭାବେ ଘୁ.ଉଦୟଗିରି ସାରା ଓଡ଼ିଶାରେ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ମଧ୍ୟ କମ୍ ତାପମାତ୍ରା ସହ ଥଣ୍ଡାର ସହର ଭାବେ ରେକର୍ଡ କରିଛି । ଥଣ୍ଡାର ସହରରେ ବର୍ତ୍ତମାନ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ଲାଗିଛି । ବିଶେଷ କରି ଯୁବ ପିଢ଼ି ଥଣ୍ଡାର ମଜା ଉଠେଇବା ସହ କୁହୁଡି ସହ ବିଭିନ୍ନ ହିଲଟପ୍‌ରେ ବୁଲି ଜଙ୍ଗଲ ପାହାଡ଼ରେ ରିଲସ ସୁଟିଙ୍ଗ କରିବା ପାଇଁ ଘୁ.ଉଦୟଗିରି ସହରରେ ଡେରା ପକାଇଥିବା ବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି । ପୂରା ରାଜ୍ୟରେ ପ୍ରବଳ ଥଣ୍ଡା ଲୋକଙ୍କୁ କଲବଲ କରୁଛି । ଓଡ଼ିଶାର ଦାର୍ଜିଲିଂ କୁହାଯାଉଥିବା ଘୁମୁସର ଉଦୟଗିରିରେ ଆଜି ତାପମାତ୍ରା ୮.୪ ଡିଗ୍ରି ରେକର୍ଡ କରାଯାଇଛି । ଲୋକେ ଶରୀରକୁ ଉତ୍ତାପ ରଖିବା ପାଇଁ ନିଆଁର ନିକଟତର ହେଉଛନ୍ତି । କନ୍ଧମାଳ ଜିଲ୍ଲାରେ ଏବେ ଲେକେ ଶୀତବସ୍ତ୍ରକୁ ଗୁରୁତ୍ୱ ଦେଉଛନ୍ତି ।

▶▶ପୃଷ୍ଠା ୭

ହାଇକୋର୍ଟ ବିଚାରପତି ଜଷ୍ଟିସ ଶେଖର କୁମାର ଯାଦବଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ

ନୂଆଦିଲ୍ଲୀ, ୧୩/୧୨ : ସଂଖ୍ୟା ଗରିଷ୍ଠଙ୍କ ଇଚ୍ଛାରେ ଦେଶ ଚାଲିବା ଉଚିତ୍ ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିବା ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଶେଖର କୁମାର ଯାଦବଙ୍କୁ ବହିଷ୍କାର କରିବା ପାଇଁ ଶୁକ୍ରବାର ରାଜ୍ୟସଭାରେ ବିରୋଧୀ ଦଳ ସାଂସଦମାନେ ମହାଭିଯୋଗ ପ୍ରସ୍ତାବ ଆଣିଛନ୍ତି । ସମାଜବାଦୀ ପାର୍ଟି ସାଂସଦ କପିଲ ସିବଲଙ୍କ ନେତୃତ୍ୱରେ ଏହି ମହାଭିଯୋଗ ପ୍ରସ୍ତାବକୁ ରାଜ୍ୟସଭାର ସେକ୍ରେଟେରୀ ଜେନେରାଲଙ୍କ ନିକଟରେ ଦାଖଲ କରାଯାଇଛି । ଏହି ପ୍ରସ୍ତାବରେ ପ୍ରାୟ ୫୫ ଜଣ ରାଜ୍ୟସଭା ସାଂସଦଙ୍କ ଦସ୍ତଖତ ରହିଛି । ସଂସଦ ଶୀତ ଅଧିବେଶନ ଶେଷ ହେବା ପୂର୍ବରୁ ଏହି ମହାଭିଯୋଗ ପ୍ରସ୍ତାବ ଉପରେ ଗୃହରେ ଆଲୋଚନା ହେବ ବୋଲି ଆଶା କରାଯାଉଛି । ଗତ ରବିବାର ବିଶ୍ୱ ହିନ୍ଦୁ ପରିଷଦର ଲିଗାଲ ସେଲ୍ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜଷ୍ଟିସ ଯାଦବ ଯୋଗ ଦେଇଥିଲେ । ସେଠାରେ ସେ କହିଥିଲେ "ମୁଁ ଏହା କହିବାରେ ଆଦୌ ଦ୍ୱିଧା କରିବି ନାହିଁ ଯେ ଏଇଟା ହେଉଛି ହିନ୍ଦୁସ୍ତାନ ।

▶▶ପୃଷ୍ଠା ୭

ଅପରାହ୍ନ ୧ଟାରୁ ଆରମ୍ଭ ହେବ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ

ପୁରୀ, ୧୩/୧୨ (ନି.ପ୍ର):ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ ରତ୍ନଭଣ୍ଡାର ମରାମତି କାର୍ଯ୍ୟ । ଏଥିପାଇଁ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ସ୍ୱତନ୍ତ୍ର ବୈଠକରେ ନୀତି ନିର୍ଘଣ୍ଟ ସ୍ଥିର ହୋଇଛି । ନିଷ୍ପତ୍ତି ଅନୁସାରେ ରାତି ୨ଟାରୁ ଦ୍ୱାର ଫିଟିବ । ଦି'ପହର ଧୂପ ସରିବା ପରେ ଅପରାହ୍ନ ୧ ଟାରୁ ଆରମ୍ଭ ହେବ ମରାମତି କାର୍ଯ୍ୟ । ପାଞ୍ଚ ଘଣ୍ଟା ଧରି ମରାମତି କାର୍ଯ୍ୟ କରାଯିବ । ଜିପିଆର ଓ ଜିପିଆରଏସ୍ ସର୍ଭେରେ ଚିହ୍ନଟ ହୋଇଥିବା ରତ୍ନଭଣ୍ଡାରର କାନ୍ଥ ଓ ଚଟାଣରେ ମରାମତି କରାଯିବ । ବିଶେଷକରି ଏହି ମରାମତି ସମୟରେ ବିଭିନ୍ନ ପ୍ରକାର ରାସାୟନିକ ସାମଗ୍ରୀ ବ୍ୟବହାର କରି ମରାମତି କରାଯିବ । ଏହି ମରାମତି ସମୟରେ

▶▶ପୃଷ୍ଠା ୭

ପ୍ରୟାଗରାଜକୁ ମୋଦୀ ସରକାରଙ୍କ ବଡ ଭେଟି

ମହାକୁମ୍ଭ ପୂର୍ବରୁ ମିଳିଲା ୫ହଜାର ୫ଶହ କୋଟିର ବିଭିନ୍ନ ପରିଯୋଜନା

ନୂଆଦିଲ୍ଲୀ, ୧୩/୧୨ : ଆସନ୍ତା ଜାନୁଆରୀ ୧୩ରୁ ଉତ୍ତରପ୍ରଦେଶର ପ୍ରୟାଗରାଜରେ ବିଶ୍ୱପ୍ରସିଦ୍ଧ ମହାକୁମ୍ଭ ମେଳା ଆରମ୍ଭ ହେବ । ଏହି ମହାପର୍ବର ଠିକ୍ ଗୋଟିଏ ମାସ ପୂର୍ବରୁ, ଅର୍ଥାତ୍ ଆଜି ୧୩ ଡିସେମ୍ବର ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରୟାଗରାଜରେ ପହଞ୍ଚି ମହାକୁମ୍ଭର ସଫଳ ଆୟୋଜନ ପାଇଁ ଗଙ୍ଗା ପୂଜା କରିଥିଲେ । ପୂଜାପାଠ ପରେ ସଙ୍ଗମସ୍ଥଳୀରେ ଆୟୋଜିତ ଜନସଭାରେ ପହଞ୍ଚି ୫ହଜାର ୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୬୭ଟି ପ୍ରକଳ୍ପର ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି ବହୁ ପ୍ରତିକ୍ଷୀତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅକ୍ଷୟ ବଟ କରିଡର, ହନୁମାନ ମନ୍ଦିର କରିଡର, ସରସ୍ୱତୀ କୁପ କରିଡର, ଭରଦ୍ୱାଜ ଆଶ୍ରମ କରିଡର, ଶୃଙ୍ଗଭେରପୁର କରିଡର ସହିତ କୁମ୍ଭମେଳା ପାଇଁ 'କୁମ୍ଭ ସହାୟକ' ଚାଟବଟ୍ ଲଞ୍ଚ୍ କରିଛନ୍ତି ପ୍ରଧାନମନ୍ତ୍ରୀ । ଗଙ୍ଗା ପୂଜା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅକ୍ଷୟ ବଟ ଓ ବଡ଼ ହନୁମାନ ମନ୍ଦିରରେ ପହଞ୍ଚି ଦର୍ଶନ ଓ ଆଳତୀ କରିଥିଲେ । ଏହାପରେ ହନୁମାନ ମନ୍ଦିରର ପ୍ରସ୍ତାବିତ ପରିକ୍ରମା ପ୍ରକଳ୍ପ ମଡେଲକୁ ଦେଖିଥିଲେ ମୋଦି । ଏହି ସମୟରେ ପ୍ରୟାଗରାଜ ବିକାଶ ପ୍ରାଧିକରଣର ଭିସି ଏହି ପ୍ରକଳ୍ପ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ । ଏହାପରେ ସଙ୍ଗମ କୂଳରେ ଆୟୋଜିତ ହେବାକୁ ଥିବା କୁମ୍ଭମେଳା ସ୍ଥଳୀରେ ପହଞ୍ଚି ଭକ୍ତଙ୍କ ପାଇଁ ସୁବିଧା ତଥା ଭିଡ଼ ପରିଚାଳନା ଇତ୍ୟାଦି ବିଷୟରେ ଅଧିକାରୀମାନେ ପିଏମ୍ ମୋଦୀଙ୍କୁ ବିସ୍ତୃତ ସୂଚନା ଦେଇଥିଲେ । ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉପସ୍ଥିତ ରହିଥିଲେ । ଏହିସବୁ ପ୍ରକଳ୍ପର ଉଦଘାଟନ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ମହାକୁମ୍ଭକୁ ସଫଳ କରିବା ପାଇଁ ଦିନରାତି କାର୍ଯ୍ୟ କରୁଥିବା କର୍ମଚାରୀ, ଶ୍ରମିକ ଏବଂ ପରିମଳ କର୍ମଚାରୀମାନଙ୍କୁ ମୁଁ ବିଶେଷ ଭାବେ ଅଭିନନ୍ଦନ ଜଣାଉଛି । ଆସନ୍ତା ବର୍ଷ ମହାକୁମ୍ଭ ଆୟୋଜନ ଦେଶର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିଚୟକୁ ଏକ ନୂତନ ଶିଖରରେ ପହଞ୍ଚାଇବ । ଯଦି ମୋତେ ଏହି ମହାକୁମ୍ଭର ବର୍ଣ୍ଣନା କରିବାକୁ ପଡେ, ତେବେ ମୁଁ କହିବି ଯେ ଏହା ଏକତାର ଏମିତି ଏକ ମହାଯଜ୍ଞ ହେବ, ଯାହାର ଚର୍ଚ୍ଚା ସାରା ବିଶ୍ୱରେ ହେବ ।

କଂଗ୍ରେସକୁ ରାଜନାଥଙ୍କ ଟାର୍ଗେଟ: କେନ୍ଦ୍ର ସରକାରଙ୍କୁ ଘାଇଲା କଲେ ଅଖିଳେଶ ଯାଦବ

ନୂଆଦିଲ୍ଲୀ, ୧୩/୧୨ : ୭୫ ବର୍ଷ ପୂର୍ତ୍ତି ଅବସରରେ ସଂସଦରେ ସମ୍ବିଧାନ ଉପରେ ଚର୍ଚ୍ଚା, ଶାସକ-ବିରୋଧୀଙ୍କ ତର୍କ ବିତର୍କ କମ୍ପିଲା ଗୃହ । ଦୁଇ ଦିବସୀୟ ଆଲୋଚନାର ପ୍ରଥମ ଦିନରେ ସମ୍ବିଧାନର ଗାରିମା ସମ୍ପର୍କରେ ମତ ରଖି କଂଗ୍ରେସ ଉପରେ ପ୍ରବଳ ବର୍ଷିଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ । ସ୍ୱାଧିନତା ଆନ୍ଦୋଳନ ରୂପକ ମହାଯଜ୍ଞରୁ ଅମୃତ ସ୍ୱରୂପ ସମ୍ବିଧାନ ଉପରେ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ଅଧିକାର ରହିଛି । ନିର୍ଦ୍ଦିଷ୍ଟ ଏକ ଦଳ ଏହାକୁ ଦେଶପ୍ରତି ନିଜର ଅବଦାନ ଭାବୁଛି କହି କଂଗ୍ରେସକୁ ସିଧା ସିଧା ଟାର୍ଗେଟ କରିଛନ୍ତି ରାଜନାଥ । ସେପଟେ ସଂସଦରେ ନିଜର ପ୍ରଥମ ଅଭିଭାଷରେ ଦେଶରେ ବୋରୋଜଗାର, ଦରଦାମ ଓ ଅରାଜକତା ପ୍ରସଙ୍ଗରେ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ । ସଂସଦରେ ଥିବା ସମ୍ବିଧାନକୁ ପ୍ରଧାନମନ୍ତ୍ରୀ ପ୍ରଣାମ କରୁଥିବା ବେଳେ ମଣିପୁର, ହାଥରସ ଓ ସମ୍ଭଲରେ ସମ୍ବିଧାନକୁ ହତ୍ୟା କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ସେପଟେ ନିଜ ଅଭିଭାଷଣରେ କେନ୍ଦ୍ର ସରକାରଙ୍କୁ ଘାଇଲା କରିଛନ୍ତି ଅଖିଳେଶ ଯାଦବ । ସମାଜବାଦୀ ପାର୍ଟି ମୁଖ୍ୟ କହିଛନ୍ତି ବିଜେପି ଶାସନରେ ଗଣତନ୍ତ୍ର ଓ ସମ୍ବିଧାନ ବିପଦରେ ପଡ଼ିଛି ।

କମିଶନରେଟ ପୋଲିସର ୩୦ଟି ଜରୁରୀକାଳୀନ ପ୍ରଶମନ ସହାୟତା ଯାନ ଲୋକାର୍ପଣ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକ-ଭୁବନେଶ୍ୱର କମିଶନରେଟ ପୋଲିସ ପାଇଁ ଜରୁରୀକାଳୀନ ପ୍ରତିକ୍ରିୟା ସହାୟତା ପ୍ରଣାଳୀ ଯୋଜନାରେ ୩୦ଟି ଜରୁରୀକାଳୀନ ପ୍ରଶମନ ସହାୟତା ଯାନର ଲୋକାର୍ପଣ କରିଛନ୍ତି। ଇଆରଏସଏସ ଯୋଜନା ହେଉଛି ଏକ କେନ୍ଦ୍ର ସରକାରଙ୍କ ଯୋଜନା। ଦିଲ୍ଲୀର ନିର୍ଭୟା କାଣ୍ଡ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୯ ମସିହାରେ ଜରୁରୀକାଳୀନ ପରିସ୍ଥିତିରେ ପୋଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ଯୋଜନା ଆରମ୍ଭ କରିଥିଲେ। ପୋଲିସ କମିଶନରେଟ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ୩୦ଟି ନୂଆ ଯାନ ପୋଲିସଙ୍କ କାର୍ଯ୍ୟ ଦକ୍ଷତାକୁ ସୁଦୃଢ କରିବ। ଏଗୁଡିକ ସାଧାରଣ ଗାଡି ନୁହେଁ। ଏଗୁଡିକ ହେଉଛି ଗୋଟିଏ ଗୋଟିଏ ସୁରକ୍ଷା ରଥ। ଏଗୁଡିକ ହେଉଛି ନ୍ୟାୟର, ଶୃଙ୍ଖଳାର, ଭୟମୁକ୍ତ ବାତାବରଣର ଓ ଅପରାଧମୁକ୍ତ ସମାଜର ପ୍ରତୀକ । ଏହି ଗାଡିଗୁଡିକ ଯେତିକି ଗଡିବ ଲୋକମାନେ ସେତିକ ନ୍ୟାୟ ପାଇବେ ଓ ସେମାନଙ୍କ ଆତ୍ମବିଶ୍ୱାସ ବଢିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୋଲିସ ବାହିନୀକୁ ଆହୁରି ସଶକ୍ତ କରିବା ପାଇଁ ଗୃହ ବିଭାଗରେ ପ୍ରାୟ ୧୦ ହଜାର ପଦବୀ ଖୁବ୍ ଶୀଘ୍ର ପୂରଣ କରାଯିବ। ଗୃହରକ୍ଷୀମାନେ ହେଉଛନ୍ତି ପୋଲିସର ଏକ ଅଭିନ୍ନ ଅଙ୍ଗ। ଆମ ରାଜ୍ୟରେ ଗୃହରକ୍ଷୀମାନେ ବହୁତ ଭଲ କାମ କରୁଛନ୍ତି। ୨୦୨୦ ଠାରୁ ଗୃହରକ୍ଷୀ ନିଯୁକ୍ତି ଉପରେ ଯେଉଁ କଟକଣା ଲଗା ଯାଇଥିଲା ତାହାକୁ ଉଠାଇ ଦିଆଯାଇଛି। ଖୁବଶୀଘ୍ର ଖାଲିଥିବା ୨୪୧୬ଟି ପଦବୀ ସହିତ ୨୫୮୪ଟି ନୂତନ ପଦବୀ ସୃଷ୍ଟି କରାଯିବ। ସମୁଦାୟ ୫ ହଜାର ଗୃହରକ୍ଷୀ ପଦବୀ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥି ସହିତ ଗୃହରକ୍ଷୀମାନଙ୍କର ଦୈନିକ ଭତ୍ତା ବୃଦ୍ଧି ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଇଆରଏସଏସ ଯୋଜନାରେ ଆଜି ପୋଲିସ କମିଶନରେଟରେ ଲୋକାର୍ପିତ ହୋଇଥିବା ୩୦ଟି ଯାନ ମଧ୍ୟରୁ ଭୁବନେଶ୍ୱର ସହରରେ ପାଇଁ ୨୨ଟି ଏବଂ କଟକରେ ୮ଟି ଗାଡି କାର୍ଯ୍ୟ କରିବ। ପୂର୍ବରୁ ଅଚଳ ହୋଇଥିବା ପିସିଆର ଗାଡି ଗୁଡିକ ବଦଳରେ ଏହି ନୂତନ ଯାନ ମଧ୍ୟ କାର୍ଯ୍ୟ କରିବ। ଏହି ଇଆରଏସଏସ ଯୋଜନା ଦ୍ୱାରା ପୋଲିସ ବ୍ୟବସ୍ଥାର ସୁଦୃଢିକରଣ ହେବା ସହ ସୁରକ୍ଷା ବାତାବରଣ ସୃଷ୍ଟି ହେବ। ଏଥି ସହିତ ଆଗାମୀ ଦିନରେ ପେଟ୍ରୋଲିଂ, ଅପରାଧୀ ଏବଂ ପୀଡିତଙ୍କ ପାଖରେ ତୁରନ୍ତ ପହଞ୍ଚିବା ପାଇଁ ପୋଲିସକୁ ହାଇ ସ୍ପିଡ ଗାଡି ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ରାଜ୍ୟ ସରକାର ପୋଲିସର ସାମର୍ଥ୍ୟ ଓ ଶକ୍ତି ବୃଦ୍ଧି ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛନ୍ତି। ସମାଜରେ ଲୋକମାନଙ୍କ ପାଇଁ ଆପଣମାନେ ଜଣେ ଜଣେ ସାହାଯ୍ୟକାରୀ ବନ୍ଧୁ ଭାବେ କାମ କରି ପୋଲିସର ଭାବମୂର୍ତ୍ତୀ ଆହୁରି ଉଚ୍ଚ ସ୍ତରକୁ ନିଅନ୍ତୁ।କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ୱାଇ.ବି. ଖୁରାନିଆ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ବାତ୍ୟା ଦାନା ସମୟରେ ଆମର ଏହି ଇଆରଏସଏସ ଯାନ ଗୁଡିକ ଲୋକମାନଙ୍କୁ ପ୍ରଶଂସନୀୟ ସେବା ଯୋଗାଇ ଦେଇଛି। ଏହି ନୂତନ ଯାନ ଗୁଡିକ ଭୁବନେଶ୍ୱର-କଟକ ଜନସାଧାରଣଙ୍କୁ ଉପଯୁକ୍ତ ଓ ତ୍ୱରିତ ସେବା ଯୋଗାଇଦେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଦୟାଲ ଗଙ୍ଗୱାର ଉପସ୍ଥିତ ଥିଲେ। ପୋଲିସ କମିଶନର ଶ୍ରୀ ଏସ୍. ଦେବଦତ୍ତ ସିଂ ଧନ୍ୟବାଦ ଦେଇଥିଲେ।

ବୈଠକରେ ଚାଷୀ ମାନଙ୍କ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ସବୁ ଜିଲ୍ଲାରେ ମଣ୍ଡିରେ ନୋଡାଲ୍ ଅଫିସର ଓ ମଣ୍ଡି ସୁପରଭାଇଜର ଅଛନ୍ତି। ସେମାନେ ଯେପରି ଚାଷୀଙ୍କର ଯଦି କିଛି ଅଭିଯୋଗ ଥାଏ, ତାକୁ ଶୁଣାଣି କରି ସମସ୍ୟାର ସମାଧାନ କରିବେ, ତେବେ ସେମାନଙ୍କର ବ୍ୟବସ୍ଥା ଉପରେ ଭରସା ବଢିବ। ଏହା ସହିତ ଦଲାଲ ମାନେ ଯେପରି କୌଣସି ପରିସ୍ଥିତିରେ ଚାଷୀଙ୍କ ଫାଇଦା ନଉଠାଇ ପାରିବେ, ସେଥିପାଇଁ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଟୋକେନ୍ ବ୍ୟବସ୍ଥା, ଟ୍ୟାଗିଙ୍ଗ ବ୍ୟବସ୍ଥା, ମିଲର ମାନଙ୍କ ସହଯୋଗ ଏବଂ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାୟକ, ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଲ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି.କେ ସିଂହ, ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ରାତି ଅଧରେ ସ୍ୱପ୍ନ ଦେଖିଲା ଭଳିଆ ସଫଳତା ଆସେ ନାହିଁ: ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ରାଜ୍ୟରେ ବିଜେପି ସରକାରକୁ ୬ ମାସ ପୂରିବା ପ୍ରସଙ୍ଗ । ରାତି ଅଧରେ ସ୍ୱପ୍ନ ଦେଖିଲା ଭଳିଆ ସଫଳତା ଆସେ ନାହିଁ । ଏ ସରକାର ୬ ମାସ ଭିତରେ ଯେଉଁ ସଫଳତା ପାଇଛନ୍ତି, ସେ ସଫଳତା ୨୪ ବର୍ଷର ସରକାର ୨୪ ବର୍ଷରେ ପାଇଛନ୍ତି ନା ନାହିଁ, ତାହା ଦ୍ୱନ୍ଦ୍ୱରେ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସୁଭଦ୍ରା ଯୋଜନାରେ ଯେଉଁ କଥା ଆମେ କହିଥିଲୁ, ଲୋକଙ୍କ ଆଗରେ ମାନିଫେଷ୍ଟୋରେ ଆମେ ଯାହା କହିଥିଲୁ, ଯେଉଁ ମାନିଫେଷ୍ଟୋ ଆଧାରରେ ବିଶ୍ୱାସ କରି ଲୋକ ଆମକୁ ଭୋଟ ଦେଇଥିଲେ, ସେ ମାନିଫେଷ୍ଟୋର ଗୋଟିଏ ଗୋଟିଏ ବିନ୍ଦୁ କୁ ଆମେ ଏବେ ପୂରଣ କରିବା ଆରମ୍ଭ କରିଛୁ । ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର କଥା ହେଉ ବା ରତ୍ନଭଣ୍ଡାର ଅଥବା ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଟଙ୍କା ଦେବା କଥା କି କୃଷକଙ୍କୁ ସହାୟତା, ଯେଉଁ ଯେଉଁ କୋଠର ପଦକ୍ଷେପଗୁଡ଼ିକ ରାଜ୍ୟର ପ୍ରଗତି ପାଇଁ ହେଉ ବା ସାଧାରଣ ଲୋକଙ୍କ ପ୍ରଗତି କଲା ଭଳି ପଦକ୍ଷେପ ସରକାର ନେଇଛନ୍ତି, ଏ ୨୪ ବର୍ଷର ସରକାର କେବେ ସ୍ୱପ୍ନରେ ବି ଭାବି ନ ଥିଲେ । ପ୍ରଗତି ଦୃଷ୍ଟିକୋଣରୁ ଆମେ ଯଥେଷ୍ଟ ପ୍ରଗତି କରିଛୁ । ସମାଲୋଚକଙ୍କ ମୁହଁରେ ତାଲା ପକେଇ ହେବନି । ସେମାନେ ସବୁବେଳେ ସମାଲୋଚନା କରିବେ । ସରକାରଙ୍କ ଉପଲବ୍ଧି କଣ ଏଇଆ ଯେ କେବଳ ଆସିକି ବିଜୁ ଜନତା ଦଳର ବା ପୂର୍ବ ସରକାରର କିଛି ଲୋକଙ୍କୁ ବାନ୍ଧି ଦେଇଥିଲେ ହୋଇଥାନ୍ତା, ତାହାହେଲେ ସେ ଉପଲବ୍ଧି, ଯେଉଁ ମାନେ ସମାଲୋଚନା କରୁଛନ୍ତି, ତାଙ୍କ ପାଖରେ ଥାଉ । କିନ୍ତୁ ବାସ୍ତବ ଚିତ୍ର ହେଉଛି, ୨୦୩୬ ରେ ବିକଶିତ ଓଡ଼ିଶାର ଲକ୍ଷ୍ୟ ପାଇଁ ଆମେ ଓଡ଼ିଶା ପ୍ରଦେଶର ବିକାଶ ନେଇ ଯାହା ଲକ୍ଷ୍ୟ ରଖିଛୁ, ତାହା ପୂରଣ ହେବ । ୬ ମାସରେ ହୋଇଥିବା ପ୍ରଗତିର ଗଣତି କଲେ, କୌଣସି ବିରୋଧୀ ଦଳର ନେତା ଙ୍କ ଜିଭରେ ବି ହାଡ଼ ନାହିଁ ତାକୁ ସମାଲୋଚନା କରିବା ପାଇଁ । ଆମେ ସନ୍ତୁଷ୍ଟ ପ୍ରଗତିର ଗତି ଠିକ୍ ଢଙ୍ଗରେ ଚାଲିଛି, ଯୋଜନା ଠିକ୍ ଢଙ୍ଗରେ ଚାଲିଛି ।

ପାଣି ପମ୍ପ ଚୋରି ନେଇ ଅଭିଯୋଗ

ଜୟପୁର, ୧୩/୧୨ (ନି.ପ୍ର): ଆନ୍ଧାଗୁଡା ଗ୍ରାମପଂଚାୟତର ମୁଜୁରମୁଣ୍ଡା ଗ୍ରାମରେ ଜମିରେ ପାଣି ମଡାଇବା ପାଇଁ ଲଗାଯାଇଥିବା ମୋଟର ଚୋରିହୋଇଥିବା ନେଇ ଗ୍ରାମବାସୀ ମାନେ ଏସଡିପିଓ ଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି ମୁଜୁରୁମୁଣ୍ଡା ଗ୍ରାମବାସୀ ମାନେ ଜମିରେ ପାଣି ମଡାଇବା ସକାଶେ ଉଠା ଜଳସେଚନ ବିଭାଗ ତରଫରୁ ୧୦ ଏଚପି ଶକ୍ତି ସମ୍ପନ୍ନ ଏକ ପାଣି ମୋଟର ଲଗାଇଥିଲେ। ଏହି ପାଣି ମୋଟର ମାଧ୍ୟମରେ ଚାଷୀ ମାନେ ୨୫ ଏକର ଜମିକୁ ପାଣି ମଡାଇ ଆସୁଥିଲେ। କିନ୍ତୁ ଗତ ୯ ତାରିଖରେ କେହି ଦୁର୍ବୁତମାନେ ଏହି ମୋଟରକୁ ଚୋରି କରି ନେଇଯାଇଛନ୍ତି। ଯାହା ଫଳରେ ଖରାଟିଆ ଚାଷ ସକାଶେ ପାଣି ମଡାଇବା ଲାଗି ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ।ଏଥି ପୂର୍ବରୁ ଗତ ୫ ବର୍ଷ ମଧ୍ୟରେ ୩ଥର ମୋଟର ଚୋରି ହେଲାଣି କିନ୍ତୁ ଆଜିସୁଦ୍ଧା ମୋଟର ଗୁଡିକ ଉଦ୍ଧାର ହୋଇପାରିଲା ନାହିଁ। ତେଣୁ ପୁଲିସ ବିଭାଗ ପକ୍ଷରୁ ଏହାକୁ ଗୁରୁତର ସହ ନେଇ ଖୁବ ଶିଘ୍ର ମୋଟର ଚୋରକୁ ଗିରଫ କରି ମୋଟର ଉଦ୍ଧାର କଲେ ଆଗାମୀ ଦିନରେ ମୁଜୁରୁମୁଣ୍ଡା ଗ୍ରାମବାସୀ ଚାଷ କରିବାରେ ସଫଳ ହେବେ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଅଭିଯୋଗ ପତ୍ର ପ୍ରଦାନ ସମୟରେ ବିଜୟ କୁମାର ବେହେରା, ଦୁର୍ଗା ବିଷୋୟୀ, ପଦଲାମ ଚୈତନ୍ୟଙ୍କ ସମେତ ଅନ୍ୟ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

ବାଲ୍ୟ ବିବାହ ସମ୍ପର୍କୀତ ଆଲୋଚନାଚକ୍ର

ଧର୍ମଶାଳା, ୧୩/୧୨ (ନି.ପ୍ର): ଯାଜପୁର ବ୍ଲକ ସୁଜନପୁର ପଂଚାୟତ ଅନ୍ତର୍ଗତ ରୁଦ୍ରଚରଣ ଉଚ୍ଚ ବିଦ୍ୟାଳୟ ପରିସରରେ ବାଲ୍ୟ ବିବାହ ସମ୍ପର୍କୀତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବାଲ୍ୟ ବିବାହ ନିଷେଧ ଓ ଆଇନ ସଚେତନତା ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା । ଜିଲା ପ୍ରଶାସନ ପକ୍ଷରୁ ପକ୍ଷରୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଂଧାଶୁ ଭୂଷଣ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର,ସମ୍ମାନୀତ ଅତିଥିଭାବେ ଶିଶୁ ଅଧିକାର କର୍ମୀ ମଂଟୁ ଦାସ ଓ ଯାଜପୁର ବ୍ଲକ ଶିକ୍ଷା ଅଧିକାରିଣୀ ସ୍ମୃତିରେଖା ନାୟକ ପ୍ରମୁଖ ଯୋଗ ଦେଇ ଶିଶୁ ଅଧିକାର ଓ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ବାଳିକାମାନଙ୍କ ପୋସ୍କୋ ଆଇନ ସମ୍ପର୍କରେ ଛାତ୍ରୀମାନେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ କର ସରଳଭାବେ ବୁଝାଇ ଥିଲେ । ଏହି କାର୍ଯ୍ୟକ୍ରମରେ ରୁଦ୍ରଚରଣ ଉଚ୍ଚ ବିଦ୍ୟାଳୟ ଓ କସ୍ତୁରୀବା ଆବାସିକ ବିଦ୍ୟାଳୟର ଛାତ୍ରୀମାନେ ଯୋଗ ଦେଇ ଶିକ୍ଷା ଅଧିକାର,ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ଉପରେ ଶିକ୍ଷା ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ୟୁନିଟ୍ ର କର୍ମକର୍ତା କାଳି ପ୍ରସାଦ ସାହୁ ପରିଚାଳନା ସହଯୋଗ କରିଥିଲେ ।

ସମ୍ବଲପୁରୀ ଡେରାରେ ଗୁରୁ ଭଗବାନ ସାହୁଙ୍କ କାଳଜୟୀ ନାଟକ 'ଟଣ୍ଟେଇ' ପରିବେଷିତ: ଜାତୀୟ ସମ୍ବଲପୁରୀ ସମ୍ମେଳନ୍ ଉଦ୍‌ଯାପିତ

ସମ୍ବଲପୁର, ୧୩/୧୨ (ନି.ପ୍ର): ସମ୍ବଲପୁର ଜେଲ ଛଳ ନିକଟସ୍ଥ ଗୁରୁଶ୍ରୀ ସତ୍ୟନାରାୟଣ ସମ୍ବଲପୁରୀ ଡେରା ଠାରେ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ପାଂଚ ଦିନିଆ ଜାତୀୟ ସମ୍ବଲପୁରୀ ସମ୍ମେଳନ୍ ଗୁରୁବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ସମ୍ବଲପୁରୀ ଡେରା ରେ ଗୁରୁ ଭଗବାନ ସାହୁଙ୍କ କାଳଜୟୀ ସାମାଜିକ ନାଟକ ଟଣ୍ଟେଇ ନାଟକ ପରିବେଷଣ କରାଯାଇଛି। ସତ୍ୟ ଘଟଣାବଳୀ ଉପରେ ଆଧାରିତ ଏହି ନାଟକରେ ସାମାଜିକ ଜୀବନରେ ଜଣେ ମହିଳାଙ୍କ ପ୍ରତି କରାଯାଇଥିବା ଅତ୍ୟାଚାର ଏବଂ ପ୍ରତିଶୋଧ ଉପରେ ଏହି ନାଟକର କାହାଣୀ ପର୍ଯ୍ୟବେସିତ ରହିଥିଲା। ଟଣ୍ଟେଇ ନାଟକ ର ନାଟ୍ୟକାର ବାସୁଦେବ ନାୟକ ନିଜେ ଛଅ ବର୍ଷ ପରେ ପୁଣି ଥରେ କାଳରାତ୍ରୀ ବେଶ ରେ ଅଭିନୟ କରିଥିଲେ। ୨ ହଜାର ରୁ ଅଧିକ ରାତି ଏହି ନାଟକକୁ ଦର୍ଶକ ମାନଙ୍କ ଭଲପାଇବା ମିଳିପାରିଛି। କୁମ୍ଭାରୀର କଳାକାର ମାନେ ନିଖୁଣ ଅଭିନୟ କରି ରେକର୍ଡ ସୃଷ୍ଟି କରି ସାରିଛନ୍ତି। ଉଦଯାପନୀ ସନ୍ଧ୍ୟାରେ ଡ଼ ପ୍ରମୋଦ ରଥ ଅତିଥି ଭାବେ ଯୋଗଦେଇଥିଲେ। ପଶ୍ଚିମାଂଚଳ ଏକତା ମଂଚର ଆବାହକ ଭବାନୀଶ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସମ୍ବଲପୁରୀ ମାସିକ ପତ୍ରିକା ସମ୍ବଲପୁରୀ ଦରପନ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ପତ୍ରିକାର ପ୍ରକାଶିକା ଡଲିମା ଭୋଇ, ଲକ୍ଷ୍ମୀ ନାରାୟଣ ପଣ୍ଡା, ଦେବୀପ୍ରସାଦ ଭୋଇ ଉପସ୍ଥିତ ରହିଥିଲେ। ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାକୁ ସମ୍ବଲପୁରୀ ସଂସ୍କୃତି ର ସଂରକ୍ଷଣ ପାଇଁ ବିକଶିତ କରିବା ଦିଗରେ ଗୁରୁ ଭଗବାନ ସାହୁଙ୍କ ନାଟକ ଗୁଡିକ ସ୍ମରଣୀୟ ହୋଇ ରହିବ ବୋଲି ଗୁରୁ ଭଗବାନ ସାହୁଙ୍କ ସହଯୋଗୀ ଡ଼ ପ୍ରମୋଦ ରଥ କହିଥିଲେ। ଏହି ଅବସରରେ ସମ୍ବଲପୁରୀ ପୁସ୍ତକ ପ୍ରକାଶନ ଏବଂ ପ୍ରଚାର ପ୍ରସାର ସଂସ୍ଥା ସମ୍ବଲପୁରୀ ଗୁଛାର ଶୀବଶଙ୍କର ପୂଜାରୀ, ଶିଳ୍ପ ବିକାଶ ର ବିକାଶ ସାହୁ ଏବଂ ଅକ୍ଷର ଅନୁଷ୍ଠାନ ର କାଳିନ୍ଦୀ ପ୍ରତାପ ସିଂହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ବରଗଡ଼ ରେ ସମ୍ବଲପୁରୀ ଦିନ ଆୟୋଜନ କରୁଥିବା ପଶ୍ଚିମାଂଚଳ ଏକତା ମଂଚ ବରଗଡ଼ ଶାଖାକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହାପୂର୍ବରୁ ଚତୁର୍ଥ ଜାତୀୟ ସମ୍ବଲପୁରୀ ସମ୍ମେଳନ ରେ ଦିନବେଳା ସମ୍ବଲପୁରୀ ସାହିତ୍ୟ ସଂସ୍କୃତି ଉପରେ ଆଲୋଚନା କରାଯାଇଥିଲା। ଗୁରୁ ଭଗବାନ ସାହୁଙ୍କ ଜୀବନ ସଂଘର୍ଷ ଉପରେ ସୁରେନ୍ଦ୍ର ବୀର ଭୁବନ ଭୋଇ ଆଲୋକ ପାତ କରିଥିଲେ। ସମ୍ବଲପୁରୀ ନାଟକ ଏବଂ ନାଟକ ରେ ସମ୍ବଲପୁରୀ ନୃତ୍ୟର ପ୍ରଚାର କ୍ଷେତ୍ରରେ ଗୁରୁ ଭଗବାନ ସାହୁଙ୍କ ଅବଦାନ ଅତୁଳନୀୟ ବୋଲି ଶ୍ରୀ ଭୋଇ କହିଥିଲେ। ସେହିପରି ଶବ୍ଦ ନୃତ୍ୟ ଉପରେ ବାସୁଦେବ ନାୟକ ଏବଂ ଗଦାଧର ବରିହା ବର୍ଣ୍ଣନା କରିଥିଲେ। ସେହିପରି ଖଗେଶ୍ୱର ସାହିତ୍ୟ ଉପରେ ଦୟାନିଧି କୁମ୍ଭାର ଆଲୋଚନା କରିଥିଲେ। ଆଲୋଚନା ରେ ବକୁଳ ବାରିକ, ଡ଼ ସ୍ୱୟଂ ପ୍ରକାଶ ପଣ୍ଡା, କିଶୋର ଧରେଇ, ରାଜେଶ ସ୍ୱାଇଁ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଆୟୋଜନ ରେ ପଶ୍ଚିମାଂଚଳ ଏକତା ମଂଚର ସଦସ୍ୟ ସଦସ୍ୟା ମାନେ ସହଯୋଗ କରିଥିଲେ।

ଦୋକାନରୁ ଚୋରି ନେଇ ଥାନାରେ ଅଭିଯୋଗ

କୋରେଇ, ୧୩/୧୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି-ଆଙ୍କୁଲା ରାସ୍ତା କଡ଼ରେ ଥିବା ପଦ୍ମନାଭେଶ୍ୱର ମନ୍ଦିର ସମ୍ମୁଖରେ ଥିବା କ୍ରିଷ୍ଣପ୍ରିୟା ହାର୍ଡ଼ୱାର ଏଣ୍ଡ ପେଟ୍ସ ଷ୍ଟୋରରୁ ଚୋର ବୁଧବାର ରାତିରେ ଚୋରି ହୋଇଥିବାର ଦୋକାନ ମାଲିକ ରଜନୀକାନ୍ତ ମହାରଣା ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶଯେ ଶ୍ରୀ ମହାରଣା ସବୁଦିନ ପରି ବୁଧବାର ରାତି ୧୦ ଟା ସମୟରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ତେବେ ସେ ବୁଧବାର ଦିନ ବେପାର ହୋଇଥିବା ୩୫୦୦୦ଟଙ୍କାକୁ ସାଙ୍ଗରେ ନ ନେଇ ଦୋକାନରେ ଡ୍ରରେ ରଖିଯାଇଥିଲେ। ଗୁରୁବାର ଦିନ ସକାଳୁ ଦୋକାନ ଖୋଲିବା ବେଳକୁ ଦୋକନର ସିଲିଂ ଗଳିପଡ଼ିଥିବା ଓ କ୍ୟାସବାକ୍ସ ଭଙ୍ଗା ଯାଇଥିବା ଦେଖି ତୁରନ୍ତ ଥାନାକୁ ଲିଖିତ ଭାବେ ଜଣାଇଥିଲେ। ଏଥି ସହିତ ତାଙ୍କ ଦୋକାନରୁ ୮୦ ହଜାର ଟଙ୍କା ମୂଲ୍ୟର ଜିନଷ୍ଟୁ ଚୋର ମାନେ ଚୋରୀ କରିନେଇଥିବାର ଏତଲାରେ ଉଲ୍ଲେଖ କରିଛନ୍ତି। ଖବର ପାଇ ଥାନାର ଭାରପ୍ରାପ୍ତ ଥାନାଧିକାରୀ ସ୍ମୃତି ମଞ୍ଜରୀ ବଡ଼ଜେନା ସାଇଂଟିକ ଟିମକୁ ଆଣି ତଦନ୍ତ ଚାଲୁ ରଖିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଅଭିଯୁକ୍ତଙ୍କୁ ଗିରଫ ନକଲେ ସୁବର୍ଣ୍ଣମୁଖି ଟ୍ରକ ଓ ଟିପର ମାଲିକ ସଂଘର ଧାରଣା ଚେତାବନୀ

କୋରେଇ, ୧୩/୧୨ (ନି.ପ୍ର): ଗତ ୧୦ ତାରିଖ ଦିନ ଭୋର ସମୟରେ ବେଆଇନ ଚାନ୍ଦା ଆଦାୟକାରୀଙ୍କ ଆକ୍ରମଣରେ ଲହୁଲୁହାଣ ହୋଇଥିବା ମାଧପୁରସ୍ଥିତ ମା ସୁବର୍ଣ୍ଣମୂଖି ଟ୍ରକ ଓ ଟିପର ଆସୋସିଏସନର ଉପସଭାପତି ମାନସ ରଂଜନ ଧଳଙ୍କ ସମେତ ସମ୍ପାଦକ ଲକ୍ଷ୍ମୀଧର ଜେନା, ସୁକାନ୍ତ ଧଳ ପ୍ରମୁଖ ଟ୍ରକ ମାଲିକ ବେଆଇନ

ପାଦର ଚିହ୍ନ, ରଙ୍ଗ, ଆକାର କହିବ ଆପଣଙ୍କ ଭବିଷ୍ୟତ: କିଏ ହେବ ଧନୀ, କିଏ ହେବ ଗରିବ

ମଣିଷର ହାତ, ଗୋଡ଼, ମୁହଁ, ଆଖି, ନାକର ଆକାରକୁ ଜ୍ୟୋତିଷ ଶାସ୍ତ୍ରରେ ଭବିଷ୍ୟତ ବିଷୟରେ ବହୁତ କିଛି ସୂଚନା ମିଳିଥାଏ । ତେବେ ପାଦରୁ ମଧ୍ୟ ଜଣଙ୍କ ବିଷୟରେ ଅନେକ ତଥ୍ୟ ଜାଣି ହୋଇଥାଏ । ପାଦରେ ଥିବା ଏପରି କିଛି ଚିହ୍ନକୁ ଅତ୍ୟନ୍ତ ଶୁଭ ଭାବେ ବିବେଚନା କରାଯାଇଥାଏ । ପାଦକୁ ଠିକ ରଖି ଧନ ଓ ସ୍ୱାସ୍ଥ୍ୟ ସହିତ ଜଡ଼ିତ ସମସ୍ୟାକୁ ଠିକ୍ କରାଯାଇ ପାରିବ ବୋଲି କୁହାଯାଇଥାଏ । ପାଦ ଓ ହାତର ସମ୍ପର୍କ ଧନ ଓ ସାମର୍ଥ୍ୟ ସହିତ ଜଡ଼ିତ ଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ପାଦରୁ ଜଣେ ବ୍ୟକ୍ତିର ଯାତ୍ରା ବିଷୟରେ ମଧ୍ୟ ଜଣାପଡ଼ିଥାଏ । ହାତରେ ରହିଥିବା ଚିହ୍ନକୁ ସାଧାରଣ କୁହାଯାଉଥିବା ବେଳେ ପାଦର ଚିହ୍ନର ବିଶେଷ ମହତ୍ତ୍ୱ ରହିଥାଏ । ଲମ୍ବା ପାଦକୁ ମୁର୍ଖତାର ପ୍ରତୀକ କୁହାଯାଇଥାଏ । ମାତ୍ର ଲମ୍ବା ପାଦ ଥିବା ବ୍ୟକ୍ତିମାନେ ଜୀବନରେ ଅନେକ ସଫଳତା ହାସଲ କରୁଥିବା ଦେଖାଯାଉଛି । ଆବଶ୍ୟକଠାରୁ ଛୋଟ ପାଦ ଥିବା ଲୋକମାନେ ମାନସିକ ଚିନ୍ତାରେ ବୁଡ଼ି ରୁହନ୍ତି । ସେମାନେ ଅନେକ ସଂଘର୍ଷ କରିବା ପରେ ସଫଳତାର ସ୍ୱାଦ ଚାଖିଥାନ୍ତି । ପାଦ ନିକଟରେ ରହିଥିବା ଆଙ୍ଗୁଠିର ରେଖା ଭଲ ଥିଲେ ବହୁତ ଲାଭ ମିଳିଥାଏ । ଯଦି ପାଦର ଗୋଟିଏ ଆଙ୍ଗୁଠି ପାଖ ଆଙ୍ଗୁଠି ଠାରୁ ଛୋଟ ହୋଇଥାଏ, ତେବେ ବ୍ୟକ୍ତି ବଡ଼ ଭାଗ୍ୟଶାଳୀ ହୋଇଥାନ୍ତି । ଯଦି ପାଦର ସବୁଠାରୁ ଛୋଟ ଆଙ୍ଗୁଠିର ନଖ ବହୁତ ଛୋଟ ତେବେ ଜଣେ ଜୀବନରେ ବହୁତ ମୁସ୍କିଲ ସମୟ ଦେଇ ଗତି କରିଥାଏ । ଯଦି ସବୁଠାରୁ ଛୋଟ ଆଙ୍ଗୁଠି ଲମ୍ବା ହୋଇଥାଏ ତେବେ ଜଣଙ୍କ ପାଖରେ ଅର୍ଥର ଅଭା ରହିନଥାଏ । ଯଦି ପାଦର ଆଙ୍ଗୁଠିଗୁଡ଼ିକ ତେଢ଼ିମେଢ଼ି ହୋଇଥାନ୍ତି ତେବେ ବ୍ୟକ୍ତିଙ୍କ ଭାଗ୍ୟରେ ଦୁଇଥର ବିବାହ ଯୋଗ ରହିଥାଏ । ପାଦର ଆଙ୍ଗୁଠି ଅଧିକ ବଡ଼ ହୋଇଥିଲେ ଏହାକୁ ବୀମାରୀର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ । ଯଦି ପାଦର ଆଙ୍ଗୁଠିରୁ ଏକ ସିଧା ରେଖା ତଳକୁ ଯାଇଥିବ ତେବେ ବ୍ୟକ୍ତି ବୁଦ୍ଧିମାନ ହୋଇଥାଏ । ଯେତେ କମ୍ ରେଖଥିବ ଜଣେ ସେତେ ଅଧିକ ଭାଗ୍ୟବାନ ହେବ । ପାଦରେ ଅଧିକ ରେଖା ଥିଲେ ଜଣଙ୍କୁ ଜୀବନରେ ଅଧିକ ଜାଲରେ ପଡ଼ିବାକୁ ହୋଇଥାଏ । ଏପରି ଲୋକମାନେ ବହୁତ ପ୍ରୟାସ ପରେ ମଧ୍ୟ ସାଧନ ଯୋଗାଡ଼ କରିବାରେ ଅସମର୍ଥ ହୋଇଥାନ୍ତି । ପାଦରେ ଶଙ୍ଖ ବା ଚକ୍ର ରହିଥିଲେ ତାହାକୁ ଅତ୍ୟନ୍ତ ଦୁର୍ଲ୍ଲଭ ଓ ମହାପୁରୁଷଙ୍କ ପାଦ ବୋଲି ଗ୍ରହଣ କରାଯାଇଥାଏ । ଏପରି ଲୋକମାନେ ଜୀବନରେ ବଡ଼ ସଫଳତା ହାସଲ କରିଥାନ୍ତି । ପାଦର ରଙ୍ଗ ହାଲୁକା ଗୋଲାପୀ ବା ଧଳା ରହିଥିଲେ ବ୍ୟକ୍ତି ସର୍ବସ୍ୱ ସ୍ୱାସ୍ଥ୍ୟବାନ ରହିଥାଏ । ପାଦର ରଙ୍ଗ ହଳଦିଆ ହୋଇଥିଲେ ବ୍ୟକ୍ତି ଖରାପ ଦାମ୍ପତ୍ୟ ଜୀବନର ସାମ୍ନା କରିଥାନ୍ତି । ସେ ସର୍ବଦା ନିଜ ପାର୍ଟନରଙ୍କ ସହିତ ଝଗଡ଼ା କରିଥାନ୍ତି ।

ଘରେ ତିଆରି କରନ୍ତୁ ମସଲା ବ୍ରେଡ୍ ଟୋଷ୍ଟ

ଆବଶ୍ୟକ ସାମଗ୍ରୀ: ବ୍ରେଡ୍, ସିଝା ଆଳୁ (ଅଧା ଚକଟା ହୋଇଥିବା), ଧନିଆ ପତ୍ର, ଲେମ୍ବୁ, ପିଆଜ, ଟମାଟୋ, କ୍ୟାପ୍‌ସିକମ୍, ପାଓଭାଜି ମସଲା, ଲଙ୍କା ଗୁଣ୍ଡ, ବଟର ଏବଂ ସ୍ୱାଦ ଅନୁସାରେ ଲୁଣ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ର ନେଇ ସେଥିରେ ସିଝା ଆଳୁ (ଅଧା ଚକଟା ହୋଇଥିବା), କଟା ଧନିଆ ପତ୍ର, ପିଆଜ,ଲେମ୍ବୁ ରସ, କଟା କ୍ୟାପ୍‌ସିକମ୍, ଲଙ୍କା ଗୁଣ୍ଡ, ପାଓଭାଜି ମସଲା ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାପରେ ଶେଷରେ ଲୁଣ ପକାଇ ଆଉ ଥରେ

ଗୋଳାଇ ଦିଅନ୍ତୁ ।ଏହା ପରେ ବ୍ରେଡ୍ ନେଇ ତା ଉପରେ ପୂର୍ବରୁ ପ୍ରସ୍ତୁତ କରିଥିବା ମସଲାକୁ ଲଗାଇ ଦିଅନ୍ତୁ । ଏହାପରେ ଗ୍ୟାସ୍‌ରେ ତାୱା ବସାଇ ସେଥିରେ ବଟର ପକାନ୍ତୁ । ପରେ ସେଥିରେ ବ୍ରେଡ୍ ମସଲାକୁ ପକାଇ ଅଳ୍ପ ଆଞ୍ଚରେ ଭାଜନ୍ତୁ । ଅଧିକ ଆଞ୍ଚରେ ବ୍ରେଡଟିକୁ ଭାଜିଲେ ପୋଡ଼ି ଯିବ । ଧୀମା ଆଞ୍ଚରେ ଭାଜିଲେ ବ୍ରେଡ୍ ଟୋଷ୍ଟ ଲାଲ ଦେଖାଯିବା ସହ ପୋଡ଼ିବନି । ଦୁଇ ସାଇଡ୍ ହୋଇଯିବା ପରେ ତଳକୁ ଓହ୍ଲାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମସଲା ବ୍ରେଡ୍ ଟୋଷ୍ଟ । ଏହାକୁ ଆପଣ ପୁଦିନା ଚଟଣୀ ଓ ଟମାଟୋ ସସ୍ ସହ ଖାଆନ୍ତୁ ।

ଖାଦ୍ୟ ପସନ୍ଦ ଶୈଳୀରୁ ଜାଣିପାରିବେ ଝିଅଙ୍କ ଲଭ୍ ଲାଇଫ୍ ସମ୍ପର୍କିତ ରୋମାଞ୍ଚକର ତଥ୍ୟ

ଖାଦ୍ୟପେୟରେ ସମସ୍ତଙ୍କ ରୁଚି ଭିନ୍ନ ଭିନ୍ନ ହୋଇଥାଏ । କାହାକୁ ଖଟା ଖାଇବାକୁ ଭଲ ଲାଗୁ ଥିବାବେଳେ କାହାକୁ ମିଠା ଅଧିକ ପସନ୍ଦ ହୋଇଥାଏ । ତେବେ ଆପଣ ଜଣକର ଖାଦ୍ୟ ପସନ୍ଦ ଶୈଳୀରୁ ତାଙ୍କ ଲଭ୍ ଲାଇଫ୍ ସମ୍ପର୍କରେ ଜାଣିପାରିବେ । ତେବେ ଜାଣନ୍ତୁ ଝିଅଙ୍କ ଖାଦ୍ୟରୁଚି ଶୈଳୀରୁ ସେମାନଙ୍କ ଲଭ୍ ଲାଇଫ୍ ସମ୍ପର୍କିତ କିଛି ରହସ୍ୟପୂର୍ଣ୍ଣ କଥା ।

ଚକୋଲେଟ୍: ସାଧାରଣତଃ ଝିଅମାନଙ୍କୁ ଚକୋଲେଟ୍ ପସନ୍ଦ ହୋଇଥାଏ । ତେବେ ଅଧିକ ଚକୋଲେଟ୍ ଖାଉଥିବା ଝିଅ ନରମ ସ୍ୱଭାବର ହୋଇଥାନ୍ତି । ସେମାନେ ମୁହାଁମୁହିଁ ସିଧା କଥା କହିଥାନ୍ତି ।

ଆଇସ୍‌କ୍ରିମ୍: ଝିଅମାନଙ୍କୁ ଆଇସ୍‌କ୍ରିମ ଖାଇବା ବେଶି ପସନ୍ଦ ହୋଇଥାଏ । ତେବେ ଅଧିକାଂଶ ଝିଅଙ୍କୁ ଷ୍ଟ୍ରବେରୀ ଓ ଚକୋଲେଟ ଆଇସ୍‌କ୍ରିମ୍ ପସନ୍ଦ ଆସିଥାଏ । ସେମାନେ ସ୍ୱଭାବରେ ରୋମାଣ୍ଟିକ୍ ହେବା ସହ ଚଗଲୀ ଥାଆନ୍ତି ।

ଆହୁରି ପଢନ୍ତୁ

ମିଠା: ମିଠା ପସନ୍ଦ କରୁଥିବା ଝିଅ ରାଗୀ ସ୍ୱଭାବର ହୋଇଥାନ୍ତି । ସେମାନେ ତାଙ୍କ ପାର୍ଟନରଙ୍କୁ ତାଙ୍କଠାରୁ ଅଲଗା ହେବାକୁ ଦିଅନ୍ତି ନାହିଁ ।

କଫି: କଫି ପସନ୍ଦ କରୁଥିବା ଝିଅ ମଧ୍ୟ ରୋମାଣ୍ଟିକ ହୋଇଥାନ୍ତି । ଆତ୍ମନିର୍ଭରଶୀଳ ଓ କର୍ତ୍ତବ୍ୟନିଷ୍ଠା ଏମାନଙ୍କ ସ୍ୱଭାବରେ ସମ୍ପୂର୍ଣ୍ଣ ବାରି ହୋଇପଡେ । ଏମାନେ ପାର୍ଟନରଙ୍କ ବିଶ୍ୱାସୀ ହୋଇଥାନ୍ତି ।

ଥାଇରଏଡ ରୋଗୀ କେଉଁ ଖାଦ୍ୟ ଖାଇବେ ?

ବର୍ତ୍ତମାନ ସମୟରେ ପ୍ରତ୍ୟେକ ବୟସ ବର୍ଗର ବ୍ୟକ୍ତି ଥାଇରଏଡର ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ଏହି ରୋଗ ୫୦ ବର୍ଷ ବୟସ ପରେ ହେଉ ଥିବାବେଳେ ବର୍ତ୍ତମାନ ୩୦ରୁ ୩୫ ବର୍ଷ ବୟସରେ ଲୋକଙ୍କୁ ଗ୍ରାସ କରୁଛି । ପୁରୁଷଙ୍କ ତୁଳନାରେ ମହିଳାମାନେ ଥାଇରଏଡର ଶିକାର ହେବାର ଆଶଙ୍କା ୧୦ ଗୁଣ ଅଧିକ । ବିଶେଷକରି ଗର୍ଭାବସ୍ଥା ଏବଂ ମେନୋପୋଜ ସମୟରେ ଏହି ବିପଦ ବଢିଥାଏ । ଥାଇରଏଡ ଗ୍ରନ୍ଥିର ମୁଖ୍ୟ କାର୍ଯ୍ୟ ହେଉଛି ମେଟାବୋଲିଜିମ୍ ନିୟନ୍ତ୍ରଣ କରିବା । କେବଳ ଏହା ମାଧ୍ୟମରେ ଶରୀର ଶକ୍ତି ପାଇଥାଏ । ଥାଇରଏଡ୍ ବଢିଗଲେ ଓଜନ ବୃଦ୍ଧିପାଏ ଏବଂ ହରମୋନ୍ ଅସନ୍ତୁଳିତ ହୋଇଯାଏ । ତେଣୁ ଥାଇରଏଡକୁ ନିୟନ୍ତ୍ରଣ କରିବା ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ପଡ଼ିବ । କେଉଁ କେଉଁ ଖାଦ୍ୟ ଖାଇବା ଦ୍ୱାରା ଥାଇରଏଡ ନିୟନ୍ତ୍ରଣରେ ରହିବ, ଜାଣନ୍ତୁ...

ନଡ଼ିଆ: ଜଳଖିଆରେ ଚିପ୍ସ ଏବଂ ବିସ୍କୁଟ ପରି ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ପରିବର୍ତ୍ତେ ସୁସ୍ଥ ଓ ପ୍ରାକୃତିକ ଖାଦ୍ୟ ଆପଣାନ୍ତୁ । ଏଥିରେ ପଇଡ ପାଣି ସର୍ବୋତ୍ତମ ।କାରଣ ଏହା ମେଟାବୋଲିଜିମରେ ଉନ୍ନତି ଆଣି ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ ।

ଅଅଁଳା: ଅଅଁଳା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ । ଏଥିରେ ଭିଟାମିନ୍ ସି ଭରପୂର ପରିମାଣରେ ଥାଏ । ଅଅଁଳାରୁ ମିଳୁଥିବା ଉପାଦାନ ଥାଇରଏଡକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଏହାକୁ ଦୈନନ୍ଦିନ ଖାଦ୍ୟରେ ଯୋଗ କରିବା ଫଳରେ ଥାଇରଏଡରେ ପୀଡିତ ଲୋକଙ୍କ ପାଇଁ ଲାଭଦାୟକ ହୋଇପାରେ ।

ସଜନା: ସଜନାରେ ପ୍ରୋଟିନ୍, ଆଇରନ୍, କ୍ୟାଲସିୟମ୍, ଭିଟାମିନ୍ ସି ଏବଂ ଭିଟାମିନ୍ ଏ ଥାଏ, ଯାହା ଥାଇରଏଡ୍ ହରମନକୁ ସନ୍ତୁଳନ କରିବାରେ ସାହାଯ୍ୟ କରିଥାଏ ।

କଖାରୁ ମଞ୍ଜି: କଖାରୁ ମଞ୍ଜିରେ ଅଧିକ ପରିମାଣରେ ଜିଙ୍କ ରହିଥାଏ । ଜିଙ୍କ ଶରୀରରେ ଥାଇରଏଡ୍ ହରମନର ସନ୍ତୁଳନ ବଜାୟ ରଖେ ।

ଜୀବନରେ ଅଭୁଲା ମୁହୂର୍ତ୍ତ ଗୁଡ଼ିକ ସାଇତି ରଖିବା ଲାଗି ସାଧାରଣତଃ ସମସ୍ତେ ଏହାର ଫଟୋ ଉଠାଇ ରଖିଥାନ୍ତି । ତେବେ ଦିନଥିଲା ଏଥିପାଇଁ ଫଟୋଗ୍ରାଫର କିମ୍ବା ଅନ୍ୟର ସାହାଯ୍ୟ ନେବାକୁ ପଡୁଥିଲା । ହେଲେ ଆଜିର ଅତ୍ୟାଧୁନିକ ଯୁଗରେ ସ୍ମାର୍ଟଫୋନ ଗୁଡ଼ିକରେ ଥିବା ଫ୍ରଣ୍ଟ କ୍ୟାମେରା ଏହାକୁ କରିଛି ଆହୁରି ସହଜ ଏବଂ ସରଳ । ଯେଉଁଥିଲାଗି ବର୍ତ୍ତମାନ ଅଧିକାଂଶଙ୍କ ଠାରେ ବିଶେଷକରି ଯୁବପିଢ଼ିଙ୍କ ଠାରେ ବଢ଼ିବାରେ ଲାଗିଛି ସେଲ୍‌ଫି କ୍ରେଜ୍...

କିପରି କରିବେ ହେୟାର ଡ୍ରାଏ

ସାମ୍ପୁ କଲାପରେ କେଶ କିପରି ଜଲଦି ଶୁଖିବ ସେଥିପାଇଁ ଆପଣ ବ୍ୟସ୍ତ । କେଶର ତେଲିଆପଣ ବି ଦୂରେଇବାକୁ ଇଚ୍ଛା । ଏଭଳି ସମସ୍ୟାର ସମାଧାନ ପାଇଁ ଅନେକ ମହିଳା ହେୟାର ଡ୍ରାୟାରର ସାହାଯ୍ୟ ନିଅନ୍ତି । କିନ୍ତୁ ଡ୍ରାଏ କରିବାର କିଛି ନିୟମ ଅଛି । ସେହି ନିୟମ ନ ମାନିଲେ କେଶର ଅନେକ କ୍ଷତିହୋଇଥାଏ ।

- ଭଲ କମ୍ପାନୀରେ ହେୟାର ଡ୍ରାୟର ବ୍ୟବହାର କରିବା ସବୁଠୁ ଜରୁରୀ । କ୍ରୟର ଯେମିତି ୧୮୦୦ ୱାଟରୁ ଅଧିକ ହୋଇଥିବ ।

ଅତିରିକ୍ତ କ୍ଲୋ-ଡ୍ରାଏ କଲେ କେଶର କ୍ଷତି ହେବାର ଆଙ୍କା ବଢ଼ିଯାଏ । ତେଣୁ ଡ୍ରାଏ କରିବା ପୂର୍ବରୁ ଜଣେ ଉପରେ ଏକ ଲେୟାର ତିଆରି କରିପାରିଲେ ଭଲ ।

ଯେଉଁମାନେ ନିୟମିତ ବ୍ଲୋଡ୍ରାଏ କରନ୍ତି ସେମାନଙ୍କ କେଶ ପାଇଁ କଣ୍ଡିସନିଂର ଆବଶ୍ୟକତା ଅଧିକ ।

- ବ୍ଲୋବାଏ କରିବା ପୂର୍ବରୁ ଭଲ ବ୍ରାଣ୍ଡର ହେୟାର ମାସ୍କ ବ୍ୟବହାର କଲେ ଭଲ । ବ୍ଲୋ ବାଏ କରିବା ପରଦିନ ମଧ୍ୟ ମାସ୍କ ଲଗାଇଲେ କେଶର କ୍ଷତି ଅନେକାଂଶରେ ପୂରଣ ହୋଇଯିବ ।

- ତେବେ ବି କେଶରେ ଅତ୍ୟଧିକ ଗରମ ହାୱା ବାଜିବାକୁ ଦେବେନି । ହଟ ଡ୍ରାୟର କରିବା ପରେ କେଶରେ ଆଉଥରେ କୋଲ୍ଡ ଡ୍ରାୟର ମଧ୍ୟ ଦେବେ ।

ଓଦା କେଶକୁ ତଉଳିଆରେ ଭଲକରି ପୋଛିବା ପରେ ବ୍ଲୋଡ୍ରାଏ କରିବେ । କେଶରୁ ଟପ୍ ଟପ୍ ପାଣି ପଡୁଥିବା ଅବସ୍ଥାରେ ଡ୍ରାୟର ଚଳାଇବେ ନାହିଁ ।

- ବ୍ଲୋ-ଡ୍ରାଏ କଲାବେଳେ କେଶଠାରୁ ନିର୍ଦ୍ଦିଷ୍ଟ ଦୂରରେ ହେୟାର ଡ୍ରାୟର କରିବା ଉଚିତ । କେଶରେ ଅତି ପାଖକୁ ବ୍ଲୋଡ୍ରାଏ କରିବା ଦ୍ୱାରା କେଶ ମୂଳର ପ୍ରାକୃତିକ ତେଲ ନଷ୍ଟ ହୋଇ କେଶ ରୁକ୍ଷ ଓ ଶୁଷ୍କ ହୋଇଥାଏ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ପୁଣି ଚର୍ଚ୍ଚାରେ ଗନ୍ଧମାର୍ଦ୍ଦନ...

ଓଡ଼ିଶାର ଗନ୍ଧମାର୍ଦ୍ଦନ ପର୍ବତ ପୁଣି ଚର୍ଚ୍ଚାରେ। ବଲାଙ୍ଗୀର ଓ ବରଗଡ଼ ଜିଲ୍ଲା ସୀମାରେ ଥିବା ଏହି ପର୍ବତ ତା'ର ବିଶେଷତ୍ୱକୁ ନେଇ ଗରିମାମୟ। ପ୍ରାକୃତିକ, ଆଧାତ୍ମିକ ଓ ଜୈବବିବିଧତା ପାଇଁ ମହତ୍ତ୍ୱପୂର୍ଣ୍ଣ ଗନ୍ଧମାର୍ଦ୍ଦନ ପାର୍ବତ୍ୟ ଅଞ୍ଚଳ ୧୯୮୦ ଦଶକରେ ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଥିବା ବେଳେ ଦୀର୍ଘ ଦଶନ୍ଧି ପରେ ପୁଣି ଥରେ ଜାତୀୟ ସ୍ତରରେ ଚର୍ଚ୍ଚିତ ହୋଇଛି। ପୌରାଣିକ ଗାଥା ଓ କିମ୍ବଦନ୍ତୀ ଅନୁଯାୟୀ ଗନ୍ଧମାର୍ଦ୍ଦନର ଆଧାତ୍ମିକ ଗରିମା ଅତୁଳନୀୟ। ଏହି ପର୍ବତ ସହିତ ବୀରହନୁମାନଙ୍କ ବିଶଲ୍ୟକରଣୀ ସନ୍ଧାନ ଓ ହାତରେ ପର୍ବତ ଧାରଣ କରିଥିବା ମୂର୍ତ୍ତି ଜଡ଼ିତ। ସେହିପରି ଦ୍ୱାପର ଯୁଗରେ ପାଣ୍ଡବମାନେ ଅଜ୍ଞାତବାସ କାଳରେ ଗନ୍ଧମାର୍ଦ୍ଦନ ପର୍ବତରେ କିଛିଦିନ ରହିଥିବା ବିଶ୍ୱାସ କରାଯାଏ। ଗବେଷକଙ୍କ ମତରେ ଗନ୍ଧମାର୍ଦ୍ଦନ ପର୍ବତ ପ୍ରାଚୀନ କାଳରେ ବୌଦ୍ଧ ଧର୍ମ ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଥିଲା। ସାତବାହାନ ରାଜବଂଶର ଶାସକ ପ୍ରଥମ ସାତକର୍ଣ୍ଣୀ ଏଠାରେ ଏକ ବୌଦ୍ଧ ବିହାର ପ୍ରତିଷ୍ଠା କରିଥିଲେ ବୋଲି ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ତାଙ୍କର ଭାରତ ଭ୍ରମଣ ବୃତ୍ତାନ୍ତ ପୁସ୍ତକ 'ସି-ୟୁ-କି'ରେ ବର୍ଣ୍ଣନା କରିଛନ୍ତି। ସେ ଉକ୍ତ ପୁସ୍ତକରେ ଗନ୍ଧମାର୍ଦ୍ଦନ ପର୍ବତକୁ 'ପ-ଲୋ-ମ-ଲୋ-କିଲି' ବୋଲି ଲେଖିଛନ୍ତି, ଯାହାକୁ 'ପରିମଳ ଗିରି' ଭାବେ ନାମିତ କରାଯାଏ।

ପ୍ରାକୃତିକ ଶୋଭାରାଜିରେ ଭରା ଏହି ପର୍ବତର ଉଚ୍ଚତା କେଉଁଠି ୨୦୦୦ ଫୁଟ ତ କେଉଁଠି ୩୨୭୪ ଫୁଟ। ପର୍ବତ ଶିଖରରେ ରହିଛି ଏକ ସମତଳ ସ୍ଥାନ, ଯାହାର ଦୈର୍ଘ୍ୟ ପ୍ରାୟ ୧୬ କିଲୋମିଟର ଓ ପ୍ରସ୍ଥ ଏକ କିଲୋମିଟର। ଘଞ୍ଚ ଅରଣ୍ୟରେ ପରିପୂର୍ଣ୍ଣ ଏହି ପର୍ବତମାଳା ଦିନେ ବିଭିନ୍ନ ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଥିଲା। ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ରିପୋର୍ଟରୁ ଜଣାଯାଏ ଯେ ଗନ୍ଧମାର୍ଦ୍ଦନ ପର୍ବତରେ ଦୁଇହଜାରରୁ ଅଧିକ ପ୍ରଜାତିର ବୃକ୍ଷ ରହିଛି, ଯାହା ପରିବେଶକୁ ସନ୍ତୁଳିତ କରିବାରେ ଓ ଜୈବମଣ୍ଡଳକୁ ସୁରକ୍ଷିତ ରଖିବାରେ ସହାୟତା କରିଥାଏ। ୨୦୦ରୁ ଅଧିକ ପ୍ରଜାତିର ଔଷଧୀୟ ବୃକ୍ଷ, ଗୁଳ୍ମ ମଧ୍ୟ ଗନ୍ଧମାର୍ଦ୍ଦନ ପର୍ବତରେ ରହିଛି। ସୁନାରୀ ଝରଣା ସହିତ ୪ଟି ଝରଣା ଓ ୨୨ଟି ଜଳଧାର ଗନ୍ଧମାର୍ଦ୍ଦନ ପର୍ବତରୁ ବହିର୍ଗତ ହୋଇଛି। ଗନ୍ଧମାର୍ଦ୍ଦନ ପର୍ବତରୁ ନିର୍ଗତ ଜଳଧାର ଅଙ୍ଗ ଓ ସୁକତେଲ ନଦୀ ନାମରେ ନାମିତ, ଯାହା ମହାନଦୀ ସହିତ ମିଶି ବରଗଡ଼, ସମ୍ବଲପୁର, ବଲାଙ୍ଗୀର ଆଦି ପଶ୍ଚିମ ଓଡ଼ିଶାର ୫ଟି ଜିଲ୍ଲା ପାଇଁ ବରଦାନ ହୋଇଛି। ଗନ୍ଧମାର୍ଦ୍ଦନର ଏକ ପାର୍ଶ୍ୱରେ ହରିଶଙ୍କର ତୀର୍ଥକ୍ଷେତ୍ର ରହିଥିଲା ବେଳେ ଅନ୍ୟପାର୍ଶ୍ୱରେ ନୃସିଂହନାଥ କ୍ଷେତ୍ର ରହିଛି। ଏଠାରେ ବିନ୍ଧ୍ୟବାସିନୀ ଦୁର୍ଗା, ଦଶମହାବିଦ୍ୟା, ଦକ୍ଷିଣକାଳୀ, ଦ୍ୱିଭୁଜା ଦୁର୍ଗା, ଜଟାନୃସିଂହ, ଗୁପ୍ତେଶ୍ୱର, ଗଣେଶ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଆଦି ଦେବଦେବୀ ପୂଜା ପାଉଛନ୍ତି। ନୃସିଂହନାଥ ମନ୍ଦିର ଠାରୁ ଏକ କିଲୋମିଟର ଭିତରେ ଭୀମ ମଣ୍ଡପ, ସତ୍ୟ ଆମ୍ବ, ସପ୍ତଧାର, କପିଳଧାର, ପଞ୍ଚୁପାଣ୍ଡବ ଘାଟ, ତ୍ରିବେଣୀ ଘାଟ, ସୀତା କୁଣ୍ଡ, ବାଳଧାର, ଭୀମଧାର, ଗୋକୁଣ୍ଡ ଘାଟ, ଗଣେଶ ଘାଟ, ଶିବ ଘାଟ ଆଦି ଦର୍ଶନୀୟ ସ୍ଥାନ ରହିଛି। ଗନ୍ଧମାର୍ଦ୍ଦନ ପର୍ବତ ଆଦିବାସୀ ସମୁଦାୟଙ୍କ ପାଇଁ ଦେବତା ସଦୃଶ। ସେମାନେ ଗନ୍ଧମାର୍ଦ୍ଦନ ପର୍ବତରୁ ବିଭିନ୍ନ ଜଙ୍ଗଲଜାତ ସମ୍ପଦ ଓ ଖାଦ୍ୟ ସାମଗ୍ରୀ ସଂଗ୍ରହ କରି ଗୁଜୁରାଣ ମେଣ୍ଟାଇଥା'ନ୍ତି। ସେହିପରି ଏହି ପର୍ବତ ସନ୍ନିକଟରେ ଦୁଇଟି ଆୟୁର୍ବେଦ ଚିକିତ୍ସା ଅନୁଷ୍ଠାନ ଗନ୍ଧମାର୍ଦ୍ଦନର ଔଷଧୀୟ ଲତା, ଗୁଳ୍ମ ଓ ବୃକ୍ଷକୁ ଆଧାର ଓ ପ୍ରୟୋଗଶାଳା ଭାବେ ବ୍ୟବହାର କରୁଛନ୍ତି। ଶତାଧିକ ଆୟୁର୍ବେଦ ଚିକିତ୍ସକ ଗନ୍ଧମାର୍ଦ୍ଦନରୁ ଔଷଧୀୟ ଉପକରଣ ସଂଗ୍ରହ କରି ସରକାରୀ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ଗରିବ ସମ୍ପ୍ରଦାୟଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇ ସେମାନଙ୍କୁ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତ କରୁଛନ୍ତି। ଉପରୋକ୍ତ ବିବିଧ ଭଣ୍ଡାର ସହିତ ଗନ୍ଧମାର୍ଦ୍ଦନ ପର୍ବତ ପ୍ରଚୁର ଖଣିଜ ସମ୍ପଦରେ ପରିପୂର୍ଣ୍ଣ। ଏ ସମ୍ପର୍କରେ ବିଧିବଦ୍ଧ ରିପୋର୍ଟ ପ୍ରକାଶ ପାଇବା ପରେ ୧୯୭୫ ମସିହା ବେଳକୁ ମଧ୍ୟପ୍ରଦେଶର କୋରବାଠାରେ ସ୍ଥାପିତ ଆଲୁମିନିୟମ କାରଖାନା ପାଇଁ ବକ୍ସାଇଟ ନେବାକୁ ବାଲକୋ ପକ୍ଷରୁ ଉଦ୍ୟମ ଆରମ୍ଭ ହେଲା। ମାତ୍ର ସ୍ଥାନୀୟ ଲୋକଙ୍କ ବିରୋଧରୁ ଏହା ସାକାର ହୋଇପାରିଲା ନାହିଁ। 'ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ' ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଆନ୍ଦୋଳନକୁ ଧୀରେ ଧୀରେ ସାଧାରଣ ଲୋକଙ୍କ ସମର୍ଥନ ମିଳିଲା। କେତେକ ରାଜନେତା ମଧ୍ୟ ଏହି ଆନ୍ଦୋଳନରେ ଯୋଡ଼ିହେଲେ। ସର୍ବୋଦୟ ସଂଗଠନ ପକ୍ଷରୁ ଏହି ଆନ୍ଦୋଳନକୁ ସହଯୋଗ ମିଳିବା ପରେ ରାଜ୍ୟ ଓ ଦେଶରୁ ବହୁ ପରିବେଶ କର୍ମୀ ଏବଂ ଆନ୍ଦୋଳନକାରୀ ଏହି ଅଞ୍ଚଳକୁ ଆସି ସହଯୋଗ କଲେ। କ୍ରମଶଃ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ପ୍ରସଙ୍ଗ ଆଲୋଚନାର ବିଷୟ ହୋଇଥିଲା। ସ୍ଥାନୀୟ ଆନ୍ଦୋଳନକାରୀଙ୍କ ସହିତ ସର୍ବୋଦୟ ସମାଜ, ପରିବେଶ ପ୍ରେମୀ, କର୍ପୋରେଟ ବିରୋଧୀ ଗୋଷ୍ଠୀ, ସମାଜବାଦୀ ଆଦି ଏକଜୁଟ ହେଲେ ଏବଂ ଏମାନଙ୍କର ମିଳିତ ଶକ୍ତି ନିକଟରେ ସରକାର ଓ କମ୍ପାନୀର ଖଣିଲୁଟ୍‌ଯୋଜନା କାମ କଲାନାହିଁ। ପ୍ରାୟ ୩୦ ବର୍ଷ ପରେ ପୁଣି ଗନ୍ଧମାର୍ଦ୍ଦନ ପ୍ରସଙ୍ଗ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି। ରାଜ୍ୟରେ ବିଜେପି ସରକାର ପ୍ରଥମଥର ପାଇଁ କ୍ଷମତା ହାସଲ କରିବା ପରେ ରାଜ୍ୟର ପ୍ରମୁଖ ଲାଭକାରୀ ସଂସ୍ଥା, ସରକାରୀ ଉଦ୍ୟୋଗ, ବନ୍ଦର, ବିମାନ ବନ୍ଦର, ଖଣିଖାଦାନ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ହାତରେ ଟେକିଦେବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଦେଶର ବହୁ ସମ୍ପଦର ଅଧିକାରୀ ଆଦାନୀ ଗ୍ରୁପ୍‌ର ନଜର ପଡ଼ିଛି ଗନ୍ଧମାର୍ଦ୍ଦନ ଉପରେ।

ସମ୍ବଲର ବିବାଦର ଐତିହାସିକ ପୃଷ୍ଠଭୂମି

ଡ. ସମନ୍ୱୟ ନନ୍ଦ

ବର୍ତ୍ତମାନ କିଛି ଦିନ ହେଲା ଉତ୍ତର ପ୍ରଦେଶର ସମ୍ବଲ ଓ ଏଠାରେ ଥିବା ଶାହୀ ଜାମା ମସଜିଦ ଚର୍ଚ୍ଚାର କେନ୍ଦ୍ରରେ ଅଛି। ସମ୍ବଲରେ ହିନ୍ଦୁ ମାନେ ସଂଖ୍ୟା ଲଘୁ ହୋଇ ସାରିଛନ୍ତି। ହିନ୍ଦୁ ମାନେ ଏହି ତଥାକଥିତ ମସଜିଦକୁ ହରିହର ମନ୍ଦିର ବୋଲି କହି ଆସୁଛନ୍ତି। ମାନନୀୟ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଏହାର ସର୍ଭେ କାର୍ଯ୍ୟ ପାଇଁ ଯାଇଥିବା ଦଳ ଉପରେ କିଛି ଦିନ ତଳେ ହଠାତ ହଜାର ହଜାର ମୁସଲମାନ ଏକାଠି ହୋଇ ପଥର ମାଡ କରିଥିଲେ। ଏହି ଘଟଣା ପର ଠାରୁ ଦେଶ ଓ ବିଦେଶର ଗଣମାଧ୍ୟମରେ ଏହି ତଥାକଥିତ ମସଜିଦ ଓ ହରିହର ମନ୍ଦିରକୁ ନେଇ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇ ସାରିଛି। ହିନ୍ଦୁ ଶାସ୍ତ୍ର ଓ ଧାର୍ମିକ ମାନ୍ୟତା ଅନୁସାରେ ସମ୍ବଲ ଠାରେ ଭଗବାନ ବିଷ୍ଣୁ କଲ୍କୀ ଅବତାର ଭାବେ ଜନ୍ମ ଗ୍ରହଣ କରିବେ। ତେଣୁ ସେହି ଦୃଷ୍ଟିରୁ ଏହି ସ୍ଥାନଟି ହିନ୍ଦୁ ମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଏହି ଲେଖାରେ ଆମେ ସମ୍ବଲର ଏହି ତଥାକଥିତ ମସଜିଦ ଓ ହରିହର ମନ୍ଦିରର ବିବାଦର ଐତିହାସିକତା ଉପରେ ଆଲୋଚନା କରିବା। ଇତିହାସର ସାକ୍ଷ୍ୟ କଣ କହୁଛି ସେ ବିଷୟରେ ଚର୍ଚ୍ଚା କରିବା।

ମୁସଲମାନ ମାନେ ଦାବି କରନ୍ତି ଯେ, ସମ୍ବଲରେ ଥିବା ଏହି ଐତିହାସିକ ମସଜିଦକୁ ଷୋଡଶ ଶତାବ୍ଦୀରେ ବିଦେଶୀ ମୋଗଲ ଆକ୍ରମଣକାରୀ ବାବର ନିର୍ମାଣ କରାଇଥିଲା। କିନ୍ତୁ ଏହି ଦାବିର କୌଣସି ସତ୍ୟତା ନାହିଁ। ବାବର ଏହି ମସଜିଦକୁ ନିର୍ମାଣ କରାଇ ନ ଥିଲା। ଊନବିଂଶ ଶତାବ୍ଦୀ ଯାଏ ଏଠାରେ କୌଣସି ମସଜିଦ ନ ଥିଲା। ଏଠାରେ ହରିହର ମନ୍ଦିର ଥିଲା।

ଯଦି ମୁସଲମାନ ମାନଙ୍କର ଦାବିରେ ସତ୍ୟତା ଥାଆନ୍ତା ଓ ବାବର ସମ୍ବଲରେ ଥିବା ଏହି ମସଜିଦର ନିର୍ମାଣ କରାଇଥାନ୍ତା ତେବେ ମୁସଲମାନ ସାହିତ୍ୟରେ ଏହାର ଉଲ୍ଲେଖ ନିଶ୍ଚିତ ଭାବେ ରହିଥାନ୍ତା। ଅତି କମରେ ବାବରନାମାରେ ଏହାର ଉଲ୍ଲେଖ ନିଶ୍ଚିତ ଥାଆନ୍ତା। କିନ୍ତୁ ବାବରନାମାରେ ବାବର ଦ୍ୱାରା ସମ୍ବଲ ଠାରେ ଏହି ମସଜିଦ ନିର୍ମାଣ କରାଇବାର କୌଣସି ଉଲ୍ଲେଖ ନାହିଁ। କେବଳ ସେତିକି ନୁହେଁ ସେହି ସମୟର କୌଣସି ଇସଲାମୀ ସାହିତ୍ୟରେ ଏହି ମସଜିଦର ଆଦୌ ଉଲ୍ଲେଖ ନାହିଁ।

ଆଉ ଗୋଟିଏ ଉଲ୍ଲେଖନୀୟ ବିଷୟ ହେଲା ଆବୁଲ ଫଜଲ ଆଇନ ଏ ଆକବରୀ ପୁସ୍ତକରେ ସମ୍ବଲ ବିଷୟରେ ଉଲ୍ଲେଖ କରିଛନ୍ତି। ହେଲେ ସେ ଏହି ପୁସ୍ତକରେ କୌଣସି ମସଜିଦ ବିଷୟରେ ଉଲ୍ଲେଖ କରି ନାହାନ୍ତି ବରଂ ସେଠାରେ ଏକ ବିଷ୍ଣୁ ମନ୍ଦିର ଥିବା ଉଲ୍ଲେଖ କରିଛନ୍ତି।

ଆବୁଲ ଫଜଲ ତାଙ୍କ ପୁସ୍ତକରେ ବିଷ୍ଣୁ ମନ୍ଦିରର ଉଲ୍ଲେଖ କରୁଛନ୍ତି। ଏହାର ଅର୍ଥ ହେଲା ଯେ ଷୋଡଶ ଶତାବ୍ଦୀରେ ସେତେବେଳେ ସମ୍ବଲରେ ବିଷ୍ଣୁ ମନ୍ଦିର ଥିଲା। ବାବର ଦ୍ୱାରା ନିର୍ମିତ ହୋଇଥିବା ତଥାକଥିତ ମସଜିଦର ଚିହ୍ନ ବର୍ଣ୍ଣ ମଧ୍ୟ ନ ଥିଲା।

ତେଣୁ ଏହାର ପରବର୍ତ୍ତୀ ସମୟରେ ମଧ୍ୟ କୌଣସି ଇସଲାମୀ ସାହିତ୍ୟରେ ଏହି ତଥାକଥିତ ମସଜିଦର କୌଣସି ରେକର୍ଡ ମିଳେ ନାହିଁ। ତେବେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣର ରିପୋର୍ଟ ବାସ୍ତବ ଚିତ୍ର ପ୍ରଦାନ କରିଥାଏ।

୧୮୭୧ -୭୨ ମସିହାରେ ଜଣେ ବ୍ରିଟିଶ ପ୍ରତ୍ନତତ୍ତ୍ୱବିତ କ୍ୟାମ୍ପବେଲ କାରାଇଲ ଆଗ୍ରା ଅଂଚଳକୁ ଯାଇଥିଲେ। ସେ ସେତେବେଳେ ସମ୍ବଲ ଠାରେ ସର୍ଭେ କରିଥିଲେ। ସେ ତାଙ୍କର ସର୍ଭେ ରିପୋର୍ଟରେ ଯାହା ଉଲ୍ଲେଖ କରିଥିଲେ ତାକୁ ଦେଖିଲେ ଏହାର ବାସ୍ତବିକତା କଣ ତାହା ସ୍ପଷ୍ଟ ହୋଇଯାଏ।

ସେ ତାଙ୍କର ରିପୋର୍ଟରେ ସମ୍ବଲର ମୁଖ୍ୟ ଭବନକୁ ଜାମା ମସଜିଦ ବୋଲି କହିଛନ୍ତି। ସେ କହିଛନ୍ତି ଯେ ମୁସଲମାନ ମାନେ କହନ୍ତି ଯେ ଏହାର ନିର୍ମାଣ ବାବର କରିଥିଲା। ହେଲେ କ୍ୟାମ୍ପବେଲ ସଙ୍ଗେ ସଙ୍ଗେ ତାଙ୍କ ରିପୋର୍ଟରେ ମୁସଲମାନ ମାନଙ୍କ ଏହି ଦାବି ସତ୍ୟ ନୁହେଁ ବରଂ ମିଥ୍ୟା ତାହା ମଧ୍ୟ ସ୍ପଷ୍ଟ କରି ଦେଇଛନ୍ତି।

ସେ ତାଙ୍କର ଏହି ରିପୋର୍ଟରେ ଲେଖିଛନ୍ତି ଯେ, ସମ୍ବଲର ଅନେକ ସ୍ଥାନୀୟ ମୁସଲମାନ ତାଙ୍କ ନିକଟରେ ସ୍ୱୀକାର କରିଥିଲେ ଯେ ସମ୍ବଲର ଏହି ମସଜିଦ ବାସ୍ତବରେ ଏକ ଠକେଇ। ଏହାକୁ ବାବର ନିର୍ମାଣ କରାଇଥିବା ବୋଲି ପ୍ରମାଣିତ କରିବାକୁ ଯାଇ ସେଠାରେ ଏକ ନକଲୀ ଶିଳାଲେଖ ମଧ୍ୟ ସେମାନେ ଲଗାଇଥିଲେ। ଅନେକ ସ୍ଥାନୀୟ ମୁସଲମାନ ମାନେ ତାଙ୍କୁ ଆଗରେ ରହସ୍ୟୋଦଘାଟନ କରିଥିଲେ ଯେ, ୧୮୫୦ ମସିହା ଯାଏ ଏହି ସ୍ଥାନ ଉପରେ ମୁସଲମାନ ମାନଙ୍କର କବଜା ହୋଇ ନ ଥିଲା।

କ୍ୟାମ୍ପବେଲ ତାଙ୍କ ରିପୋର୍ଟରେ ଆଗକୁ ଲେଖିଛନ୍ତି. ଏହି ଭବନ ମୂଳରୁ ଏକ ହିନ୍ଦୁ ମନ୍ଦିର ଥିଲା। ମୁସଲମାନ ମାନେ ଠକେଇ କରି ଏହା ଉପରେ କବଜା କରି ନେଇଥିଲେ। ଏହା ପରେ ସ୍ଥାନୀୟ ହିନ୍ଦୁ ମାନେ ଏହି ସ୍ଥାନକୁ ପୁନଃ ପ୍ରାପ୍ତ କରିବାକୁ ଅଦାଲତକୁ ଯାଇଥିଲେ। ହେଲେ ମୁସଲମାନ ମାନେ ମିଛ ସାକ୍ଷୀ ଦେଇ ଏହି ମାମଲାରେ ବିଜୟୀ ହୋଇଥିଲେ। କାରଣ ସେତେବେଳେ ସମ୍ବଲ ଅଂଚଳ ରେ ହିନ୍ଦୁ ମାନେ ସଂଖ୍ୟା ଲଘୁ ହୋଇ ସାରିଥିଲେ।

ତେବେ ମୁସଲମାନ ମାନେ ଧୋଖାଧଡି କରିବାକୁ ଯାଇ ଯେଉଁ ବାବରର ଶୀଳାଲେଖ ଲଗାଇଥିଲେ ସେଥିରେ ମଧ୍ୟ ବାବରର ନାମର ସ୍ପେଲିଂ ଭୁଲ ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ରିପୋର୍ଟରେ ଆଗକୁ କୁହାଯାଇଥିଲା ଯେ, ବର୍ତ୍ତମାନର ଯେଉଁ ଭବନ ଯାହାକୁ ଶାହୀ ଜାମା ମସଜିଦ କୁହାଯାଉଛି ତାହା ଆଦୌ ମସଜିଦ ନୁହେଁ। ବାବର ଏହାର ନିର୍ମାଣ କରାଇ ନାହିଁ। ବର୍ତ୍ତମାନର ସଂରଚନାକୁ ରାଜା ପୃଥ୍ୱୀରାଜ ଚୌହାନ ଦ୍ୱାରା ହିନ୍ଦୁ ମନ୍ଦିର ଭାବେ ନିର୍ମାଣ କରାଯାଇଥିଲା। ମୁସଲମାନ ମାନେ ଏହା ଉପରେ ଜୋର ଜବରଦସ୍ତି କବ୍ଜା କରି ଏହାକୁ ମୁସଲମାନ ପୂଜା ସ୍ଥଳରେ ପରିବର୍ତ୍ତନ କରି ଦେଇଛନ୍ତି।

କ୍ୟାମ୍ପବେଲ ତାଙ୍କ ରିପୋର୍ଟରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ମୁସଲମାନ ମାନେ କାନ୍ଥ ଗୁଡିକରେ ମୂଳ ହିନ୍ଦୁ ସାମଗ୍ରୀକୁ ଲୁଚାଇବାକୁ କୋଟିଂ କରିବାକୁ ପ୍ରୟାସ କରିଛନ୍ତି। ପ୍ରତ୍ନତତ୍ତ୍ୱବିତ ମାନେ ସେତେବେଳେ ଅନେକ ସ୍ଥାନରେ ଦେଖିଲେ ଯେ ହିନ୍ଦୁ କଳା କାନ୍ଥରେ ଅଂକିତ ହୋଇଛି। ମୁସଲମାନ ମାନେ ମୂର୍ତ୍ତିକୁ ଓଲଟା କରି ପୁଣି ଥରେ ସେଠାରେ ତାକୁ ପ୍ରୟୋଗ କରିଛନ୍ତି। ମୁସଲମାନ ମାନେ ଏତେ ପଥର ସେଠାରୁ ହଟାଇ ନେଇଥିଲେ ଯେ ଏହାର ସଂରଚନାର ପ୍ରାଚୀର ପତଳା ଓ ଦୁର୍ବଳ ହୋଇଯାଇଥିଲା। ଏହି ପରି ଭାବେ ଏକ ଭବ୍ୟ ମନ୍ଦିରକୁ ମସଜିଦରେ ପରିବର୍ତ୍ତିତ କରିଦିଆଯାଇଥିଲା।

ଐତିହାସିକ ବ୍ରିଜେନ୍ଦ୍ର ମୋହନ ଶର୍ଙ୍ଗଧେର ସମ୍ବଲ ଉପରେ ଅନୁସନ୍ଧାନ କରିଛନ୍ତି। ଦୀର୍ଘ ବର୍ଷର ଅନୁସନ୍ଧାନର ପରେ ତାଙ୍କର ପୁସ୍ତକ ସମ୍ବଲ – ଏ ହିଷ୍ଟୋରିକାଲ ସର୍ଭେ ପ୍ରକାଶିତ ହୋଇଛି। ସେ ଏହି ପୁସ୍ତକରେ ନିଷ୍କର୍ଷ ବାହାର କରିଛନ୍ତି ଯେ ଏହି ମସଜିଦକୁ ବାବର ତିଆରି କରି ନାହିଁ। ବାବରର ଏହି ତଥାକଥିତ ଶିଳାଲେଖ ଇତିହାସର ସବୁଠାରୁ ବଡ ଧୁର୍ତ୍ତତା ଅଟେ। ବ୍ରିଟିଶ ପ୍ରତ୍ନତତ୍ତ୍ୱବିତ କ୍ୟାମ୍ପବେଲ ହୁଅନ୍ତୁ ବା ଐତିହାସିକ ବ୍ରିଜେନ୍ଦ୍ର ମୋହନ ହୁଅନ୍ତୁ ଉଭୟ ଏହି ନିଷ୍କର୍ଷରେ ଉପନୀତ ହୋଇଛନ୍ତି ଯେ ସମ୍ବଲର ମସଜିଦ ୧୫ତମ ଶତାବ୍ଦୀରେ ନିର୍ମିତ ହୋଇ ନାହିଁ ଯେପରିକି ମୁସଲମାନ ମାନଙ୍କ ଦ୍ୱାରା ଦାବି କରାଯାଉଛି। ଏହି ମନ୍ଦିର ଉପରେ କବଜା କରି ଊନବିଂଶ ଶତାବ୍ଦୀରେ ମସଜିଦରେ ପରିବର୍ତ୍ତିତ କରି ଦିଆଯାଇଛି। ତେବେ ଗଙ୍ଗା ପ୍ରସାଦ ଭଳି ଐତିହାସିକ ବାବରର ତଥାକଥିତ ଶିଳାଲେଖକୁ ସତ ବୋଲି ମନେ କରି ଏହାକୁ ବାବର ତିଆରି କରିଥିବା ଉଲ୍ଲେଖ କରିଛନ୍ତି। କିନ୍ତୁ ସମସ୍ତେ ଗୋଟିଏ କଥାରେ ଏକ ମତ ଯେ ଏହି ତଥାକଥିତ ମସଜିଦ ହିନ୍ଦୁ ମନ୍ଦିର ଉପରେ କବଜା କରି ଠିଆ କରାଯାଇଛି। ଏଥିରେ କେହି ଦ୍ୱିମତ ନାହାନ୍ତି।

ତେଣୁ ସମ୍ବିଧାନ ପ୍ରଦତ ଅଧିକାରକୁ ବ୍ୟବହାର କରି ତଥ୍ୟ ଓ ପ୍ରମାଣ ଆଧାରରେ ଏହାର ନିର୍ଧାରଣ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ଗୋଟିଏ ବର୍ଗ ରାଜରାସ୍ତାରେ ପଥର ଫିଙ୍ଗି ଶକ୍ତି ପ୍ରଦର୍ଶନ କରିଆରେ ନିଜର ମତକୁ ମନାଇବାକୁ ଚେଷ୍ଟା କରୁଛି। ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଯେ ସେକୁଲାର ରାଜନୀତି କରୁଥିବା ରାଜନୈତିକ ଦଳ ଯେଉଁ ମାନେ ସମ୍ବିଧାନ ବିପଦରେ ଅଛି ବୋଲି ଚିତ୍କାର କରି ଆସୁଛନ୍ତି, ସେମାନେ ଏହି ପ୍ରସଙ୍ଗରେ ସମ୍ବିଧାନ ଅନୁସାରେ ନୁହେଁ ରାଜରାସ୍ତାରେ ଶକ୍ତି ପ୍ରଦର୍ଶନ କରୁଥିବା ଲୋକଙ୍କ ସହ ଠିଆ ହୋଇଛନ୍ତି। ଏହା ଠାରୁ ବଡ ବିଡମ୍ବନା କଣ ବୋ ହୋଇ ପାରେ ?

ବିଜ୍ଞାନସମ୍ମତ କାଳଗଣନା

ସର୍ବେଶ୍ୱର ବେହେରା

ଇତିହାସର ଶତତ କାଳ ପ୍ରବାହ ହୋଇଥାଏ। ପରନ୍ତୁ ବିଦେଶୀ ଇତିହାସକାରମାନେ ଭାରତର ସ୍ୱାଭାବିକ କାଳ ପ୍ରବାହକୁ ମନଇଚ୍ଛା ବିକୃତ କରିଛନ୍ତି। ସେମାନେ ଭାରତର କାଳ ବିଭାଜନ ମନଗଢ଼ା, ତଥ୍ୟହୀନ, ଧୃଷ୍ଟତାପୂର୍ଣ୍ଣ ଓ ସୁନିୟୋଜିତ ଢ଼ଙ୍ଗରେ କରିଛନ୍ତି। ୟୁରୋପୀୟାନ ମଡ଼େଲର ଆଧାରରେ ଭାରତୀୟ ଇତିହାସକୁ ତିନି ଭାଗରେ ବିଭକ୍ତ କରିଛନ୍ତି। ଏହାର ଜନକ ବିଦେଶୀ ଇତିହାସକାର ଜେମସ ମିଲ (୧୭୭୩-୧୮୩୬) ଥିଲା। ନିଜର ପୁସ୍ତକ ହିଷ୍ଟ୍ରି ଅଫ ବ୍ରିଟିଶ ଇଣ୍ଡିଆ (୧୮୧୭)ରେ ତିନୋଟି କାଳ- ହିନ୍ଦୁ କାଳ, ମୁସଲମାନ କାଳ ଓ ବ୍ରିଟିଶ କାଳ ରୂପେ ବିଭାଜିତ କରିଥିଲା। ତୃତୀୟ କାଳକୁ ବ୍ରିଟିଶ କାଳ ରୂପେ ବର୍ଣ୍ଣନା କରିବା ପଛରେ ଏକ ଷଡ଼ଯନ୍ତ୍ର ଥିଲା, ଯାହାକି ସମସ୍ତ ଖ୍ରୀଷ୍ଟିଆନ ଜଗତର ସହାନୁଭୂତି ମିଳିପାରିବ ଯଦ୍ୱାରା ଭାରତକୁ ଏକ ଖ୍ରୀଷ୍ଟିୟାନ ଦେଶରେ ପରିଣତ କରାଯାଇ ପାରିବ।

ଏଠାରେ ଉଲ୍ଲେଖନୀୟ ଯେ ଜେମ୍ସ ମିଲ ଭାରତର ଇତିହାସ ଜାଣିବା ପାଇଁ ନିଜର ଜୀବଦ୍ଦଶା ମଧ୍ୟରେ କଦାପି ସେ ଭାରତକୁ ଆସିନଥିଲା, କିମ୍ବା କୌଣସି ଭାରତୀୟଙ୍କୁ ସେ ସାକ୍ଷାତ କରିଥି

କବିତା

ତୁମ ପାଇଁ

ଘରକୁ ଫେରିବା ମଜା

କୀର୍ତ୍ତନ ସାହୁ

ଚଢ଼େଇଟି କହେ ସାଙ୍ଗ ଚଢ଼େଇକୁ
ଚାଲ ଫେରି ଯିବା ଏବେ
ଆଜି ଦିନ ଗଲା କାଲିକି ଆସିବା
ସମୟ ହୋଇବ ଯେବେ ।

ନିଇତି ବସାରୁ ଯାଆନ୍ତି ପଦାକୁ
ଖାଦ୍ୟ ଖୋଜି ଖାଇବାକୁ
ଖୋଜି ଖାଇଜି ଖାଇ ବେଳ ବୁଡି ଗଲା
ବେଳରେ ବାହୁଡ଼ିବାକୁ ।

ଗୋରୁ ଗାଈ ଦେଖ ଘର ବାହୁଡ଼ନ୍ତି
ସୂରୁଜ ବୁଡ଼ିବା ବେଳେ
ଘରକୁ ଫେରିବା ବେଳେ ତାଙ୍କ ମୁହେଁ
ଆନନ୍ଦର ଢେଉ ଖେଳେ ।

ଚାଷୀ ଭାଇ ତାର ଚାଷ କାମ ସାରି
ଫେରି ଆସି ଥାଏ ଘର
ପରିବାର ମେଳେ ସମୟ କଟଇ
ବହି ଯାଏ ଖୁସି ଝର ।

ଯିଏ ଯହିଁ ଥାଉ ଯାହା କରୁଥାଉ
ଘରକୁ ଫେରିବା ମଜା
କେତେ ଯେ ଅଲଗା ଜଣା ପଡ଼ିଯାଏ
ବଜାରେ ବାଇଦ ବଜା ।

+ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

‘ଶିବୁ ଓ ଚିନୁ’

ସନ୍ତୋଷ କୁମାର ଅଦାବର

ସୁନାପୁର ଗାଁ ମୁଣ୍ଡରେ ପ୍ରାଥମିକ ବିଦ୍ୟାଳୟଟିଏ ଅଛି । ସେ ଗାଁର ଛୋଟ ଛୋଟ ପୁଅ ଝିଅମାନେ ପାଦରେ ଚାଲି ଚାଲି ବିଦ୍ୟାଳୟକୁ ପାଠ ପଢ଼ି ଆସିଥାଆନ୍ତି । ସେ ବିଦ୍ୟାଳୟରେ ଶିବୁ ତୃତୀୟ ଶ୍ରେଣୀରେ ପଢ଼େ । ଭାରି ଦୁଷ୍ଟ ସିଏ । କେବଳ ସେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଛାଡ଼ିଦେଲେ ସେ କାହାରି କଥା ମାନୁ ନ ଥାଏ । ନିଜେ ଭୁଲ୍ କରିଦିଏ ଏବଂ ଅନ୍ୟ ପିଲାର ନାଆଁରେ ଶିକ୍ଷକଙ୍କଠାରେ ଅଭିଯୋଗ କରିଥାଏ ।

ଦିନେ ତୃତୀୟ ଶ୍ରେଣୀରେ ସେହି ପିରିୟଡର ବିଷୟ ଶିକ୍ଷକ ଜଣକ ଅଳ୍ପ ସମୟ ବିଳମ୍ବ କରିଥାଆନ୍ତି । ସେ ସମୟରେ ଶିବୁର ପାଖରେ ବସିଥିବା ତା’ର ଜଣେ ସହପାଠୀ ଚିନୁର ହାତ ପାପୁଲିରେ ଡଟ୍ ପେନ୍ ଗେଞ୍ଜି ଦେବାରୁ ଅଳ୍ପ ଅଳ୍ପ ରକ୍ତ ବାହାରି ବନ୍ଦ ହୋଇଗଲା । ଚିନୁ ଶାନ୍ତ ଶିଷ୍ଟ ସ୍ୱଭାବର ପିଲା । ସେ କାନ୍ଦ କାନ୍ଦ ହୋଇ ଯିବାର ଦେଖି ଶିବୁ ଡରିଗଲା । ତାକୁ ଡରାଇ ଶିବୁ କହିଲା- ସାର୍ ଙ୍କୁ କିମ୍ବା ପ୍ରଧାନ ଶିକ୍ଷକଙ୍କୁ ଏ ବିଷୟରେ କିଛି କହିବୁ ନାହିଁ । ଯଦି କହିବୁ ଛୁଟି ଗଲା ସମୟରେ ବାଟରେ ପୁଣି ତୋତେ ମାରିବି ।

ଶ୍ରେଣୀକକ୍ଷକୁ ଶିକ୍ଷକ ଆସଲେ । ବହି ପଢ଼ାଇବା ଆଗରୁ ତାଙ୍କର ଚିନୁ ଆଡ଼େ ଦୃଷ୍ଟି ପଡ଼ିଗଲା । ଭାରି ଶାନ୍ତ ଶିଷ୍ଟ ପିଲାଟା କାନ୍ଦ କାନ୍ଦ ମୁହଁ ଦେଖି ସାର୍ କିଛି ପଚାରିବା ଆଗରୁ ଶିବୁ ଛିଡ଼ା ହୋଇ କହିଲା- ସାର ଚିନୁର ହାତ ପାପୁଲିରେ ଆଘାତ ଲାଗିଛି । ସେ କବାଟ ଫାଙ୍କରେ ହାତ ପୂରେଇ ଏଇ ଆଘାତ ପାଇଛି । ଚିନୁ

ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଗଲା । ସେ କହି ପାରିଲା ନି ଯେ ଶିବୁ ତାକୁ ତା’ର ଡଟ୍ ପେନ୍ ରେ ତା’ର ହାତ ପାପୁଲିକୁ ଆଘାତ କରିଛି ବୋଲି । ନହେଲେ ପୁଣି ଶିବୁ ତାକୁ ଛୁଟି ବେଳେ ବାଟରେ ମାରିବ । ଶିକ୍ଷକ କିନ୍ତୁ ଠିକ୍ ଜାଣି ପାରିଲେ ଯେ ସେ କାମଟା ଶିବୁର ବୋଲି । ସେ ନିଜେ ଭୁଲ୍ କରି ଅନ୍ୟର ଉପରେ ଦୋଷ ଲଦିଥାଏ ଏହା ସେ ଶିକ୍ଷଙ୍କୁ ମଧ୍ୟ ଜଣା ।

ଶିକ୍ଷକ ଜଣକ ଚିନୁକୁ ତାଙ୍କ ପାଖକୁ ଡାକିଲେ । ଚିନୁ କିଛି ଭୁଲ୍ କରି ନ ଥାଏ, ତଥାପି ସାର୍‌ଙ୍କୁ ଭୟ କରୁଥାଏ । ସାର୍‌ଙ୍କ ପାଖକୁ ଆସି ସେ ଭୋ ହୋଇ କାନ୍ଦି ପକାଇଲା । ସାର୍ ତାକୁ କିଛି କରିବେ ନି ଆଉ ତା’ର ସେ ପାପୁଲିର ଅବସ୍ଥା କେମିତି କ’ଣ ଅଛି ଦେଖିବେ ବୋଲି ପଚାରିଲେ । ଚିନୁ ଆଉ କାନ୍ଦିଲା ନି । ତା’ର ପାପୁଲି ଠିକ୍ ଥିବାରୁ ତାକୁ ବସିବାକୁ କହିଲେ । ଏଥର ସାର୍ ଶିବୁକୁ ଡାକିବାରୁ ଶିବୁ ସାର୍ ଙ୍କ ପାଖକୁ ଆସି କହିଲା- ସାର୍ ମୁଁ ତାକୁ କିଛି କରିନି । ସେ କବାଟରେ ଚିନୁ....। ଏଥର ସାର୍ କହିଲେ- ମୁଁ ତୋତେ କ’ଣ କରିଛୁ ବୋଲି ତ ପଚାରୁନି । ତୁ କାହିଁକି କିଛି କରିନି ବୋଲି କହୁଛୁ । ସତ କହ,ଏହା ତୋର କାମ ନା ? ଶିବୁ ଶେଷରେ ହଁ କରି ପୁଣି କହିଲା- ସାର, ଚିନୁ ପ୍ରଥମେ ମୋର ଡଟ୍ ପେନ୍ ନେଇକି ଲେଖୁଥିଲା । ତାକୁ ମୋର ଡଟ୍ ପେନ୍ ମାଗିଲି କିନ୍ତୁ ସେ ଏଇଟା ତା’ର ବୋଲି କହି ମୋତେ ଦେଲା ନି । ସାର୍ କହିଲେ-ତା’ପରେ ତୁ ତା’ର ପାପୁଲିରେ....। ଚିନୁକୁ ସାର୍ ପଚାରିବାରୁ ଚିନୁ ଏଇଟା ମୋର ଡଟ୍ ପେନ୍ ବୋଲି କହିଲା । ସାର୍ ଶିବୁର ବସ୍ତାନି ଆଣ ଆଉ ସେ ଭିତରୁ ସବୁ ବାହାର କର କହିବାରୁ ପ୍ରକୃତରେ ତା’ର ଡଟ୍ ପେନ୍ ତା’ର ବ୍ୟାଗ୍ ରେ ହିଁ ଥିଲା । ସେଇ ଡଟ୍ ପେନ୍ ଟି ଅବିକଳ ଚିନୁର ଡଟ୍ ପେନ୍ ଭଳି ଦେଖା ଯାଉଥିଲା । ଶିବୁ ତା’ର ଟଡ୍ ପେନ୍ କୁ ନିଜ ବ୍ୟାଗରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ଶିକ୍ଷକ ପ୍ରକୃତ କଥାଟି ଜାଣି ପାରିଲେ ।

ଶେଷରେ ସେ କହିଲେ- ଆଜି ଏଇ ପିରିୟଡଟିରେ ଆମେମାନେ ପାଠ ପଢ଼ି ନ ପାରିଲେ ମଧ୍ୟ କେତୋଟି ମୂଲ୍ୟବାନ ଜିନିଷ ଶିଖିପାରିଲା । ପ୍ରଥମତଃ ବିଦ୍ୟାଳୟରେ କେହି ଯଦି ତୁମର କିଛି ଅସୁବିଧା ସୃଷ୍ଟି କଲା ବା ମାରିଲା, ତେବେ ତୁମେ ତାକୁ ନିଜେ ମାରିବ ନାହିଁ । ଶିକ୍ଷକ ଶିକ୍ଷୟିତ୍ରୀ ବା ପ୍ରଧାନ ଶିକ୍ଷକଙ୍କୁ ଜଣେଇବ । ତା’ର ଉଚିତ ସମାଧାନ କରାଯିବ । ଦ୍ୱିତୀୟତଃ ନିଜ ଭୁଲକୁ ଲୁଚାଇ ଅନ୍ୟକୁ ଦୋଷ ଦେବା ଆଦୌ ଠିକ୍ ନୁହେଁ । କାରଣ ଆଗକୁ ତୁମ ଜୀବନରେ ମଧ୍ୟ ଏପରି ଘଟିପାରେ । ତୃତୀୟତଃ ନିଜ ଜିନିଷକୁ ନିଜ ଦାୟିତ୍ୱରେ ରଖିବା ଏକ ଉତ୍ତମ ଅଭ୍ୟାସ ।

ଶିବୁକୁ ସାର୍ କହିଲେ- ଶିବୁ, ଆଜିଠୁ ତୁ ତୁମ ଶ୍ରେଣୀର ମନିଟର୍ । କାହାରି ସହ କଳି ଝଗଡ଼ା ନ କରି ଶିକ୍ଷୟିତ୍ରୀ ଶିକ୍ଷକ ନ ଥିବା ସମୟରେ ଶାନ୍ତିଶୃଙ୍ଖଳାର ସହ ଶ୍ରେଣୀକୁ ରଖିବୁ । ତୁ ମନିଟର୍ ହୋଇ ଯଦି ବିଶୃଙ୍ଖଳା କରିବୁ କେମିତି ହେବ ? ଏକ ଦାୟିତ୍ୱବୋଧର କାମ ଦେଇଥିବାରୁ ଶିବୁ ସେ ଦିନଠୁ ଆଉ ଦୁଷ୍ଟାମି କଲା ନାହିଁ ।

ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

କବିତା

ତୁମ ପାଇଁ

ଆମେ ପଢିବା ଆଗେ ବଢିବା...

ରାମଚନ୍ଦ୍ର ବେହେରା

ଆମେ ପଢିବା ଆଗେ ବଢିବା
କରିବା ଦେଶ ସେବା
ସଦା ସର୍ବଦା ସତ କହିବା
ଶପଥ ଆମେ ନେବା ।
ସୁସ୍ଥ ସମାଜ ଗଢିବା ଆମେ
ଯେଉଁଠି ଥିବ ଶାନ୍ତି
ଜଗତ ହିତେ କରିବା କାମ
ମାନି ଅହିଂସା ନୀତି ।
ଗଛ ଲଗାଇ ଗଢିବା ଆମେ
ସୁନ୍ଦର ପରିବେଶ
ଆଖ ପାଖକୁ ରଖିବା ସଫା
ହସିବ ଆମ ଦେଶ ।
କୃଷକ ସାଜି କରିବା କାମ
ହସିବ ସୁନା କ୍ଷେତ
ପହରା ଦେବା ଦେଶ ସୀମାରେ
ନମାନି ଖରା ଶୀତ ।
ଦୁଃଖୀ ରଂକିଂକ କରିବା ସେବା
ଭାବି ଆପଣା ଜନ
ପଶୁ ପକ୍ଷୀଂକ ଯତନ ନେବା
ମିଳିବ କୋଟି ପୂଣ୍ୟ ।
ଉନ୍ନତି ପଥେ ବଢିବା ଆମେ
ଭୁଲି ପରାଣୁ ବ୍ୟଥା
ଦେଶ କୋଳରେ ଜିଇଁବା ଆମେ
ଗରବେ ଟେକି ମଥା ।
ଆମରି ପାଇଁ ଗର୍ବ କରିବ
ଆମରି ଜନ୍ମ ଭୂଇଁ
ହସି ହସିକା ଜୀବନ ଦେବା
ଆସ ତାହାରି ପାଇଁ ।

ତେନ୍ତୁଳିପଦା,ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

ଶାରୀ ଓ ବଉଦ

ନଗେନ୍ଦ୍ର ନାଥ ପଟ୍ଟନାୟକ

କୁକୁ ଶାରୀକୁ ଡାହାଣିଆଖରା ଭାରି ଭଲ ଲାଗୁଥିଲା । ସେ ଖରାରେ ଡିଆଁଡେଇଁ କରି ଗୀତ ବୋଲୁଥାଏ । ସୂରୁଜ ବି ଶାରୀର ଫୂର୍ତ୍ତି ଓ ମିଠାଗୀତ ଗାଇବା ଶୁଣି ଖୁସୀରେ ବିଭୋର ହୋଇ ଯାଉଥିଲା । ଧୀରେ ଧୀରେ ଦୁହେଁଯାକ ଭାରି ସାଙ୍ଗ ବନିଗଲେ । ଦୁହେଁ ପରସ୍ପରକୁ ଦେଖି ଆନନ୍ଦରେ ଗଦ୍‌ଗଦ୍ ହୋଇ ଉଠନ୍ତି । ରାତିରେ ସୂରୁଜ ତା ଘରକୁ ଚାଲି ଗଲାବେଳେ କୁକୁ ଶାରୀ ମଧ୍ୟ ନିଜ ବସାକୁ ଚାଲିଯାଏ । ସୂରୁଜ ଆଗମନକୁ ଚାହିଁରହେ । ରାତିପାହି ସକାଳ ହେଲାମାତ୍ରେ ସୂରୁଜ ତା ଘରୁ ବାହାରି ଆସେ । ସୂରୁଜକୁ ଦେଖିବାକ୍ଷଣି କୁକୁ ଶାରୀ ବି ଫକ୍‌ଫକ୍ ଡେଇଁ ଡେଇଁକା ବସାରୁ ବାହାରି ଆସୁଥାଏ । ମଧୁର ଗୀତ ଗାଇ ଡିଆଁକୁଦା ମାରେ । ଦିନକର କଥା, ପ୍ରତିଦିନ ଭଳି ଆଜି ବି କୁକୁ ଶାରୀ ସୂରୁଜର ଆସିବା ବାଟକୁ ଚାତକ ଭଳି ଜୁଳୁଜୁଳୁ ଆଖିରେ ଅନେଇ ରହିଥିଲା । ସୂରୁଜ ଆସିବାକ୍ଷଣି ତା ସକାଳ ସମୟ ଆରମ୍ଭ ହେଉଥିଲା । ହେଲେ ଆଜି ବହୁତ ଉଛୁର ହୋଇଗଲାଣି । ସୂରୁଜ ଏପର୍ଯ୍ୟନ୍ତ ଆସିଲାନି । କୁକୁ ଶାରୀର ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା । ବିଚାରୀ କେତେ ବେଳଯାଏ ତାର ଆସିବା ବାଟକୁ ଚାହିଁ ରହିବ । ଅଗତ୍ୟା ସେ ସୂରୁଜକୁ ଦେଖିବାକୁ ବସାରୁ ବାହାରିଆସି ଦେଖେତ, ଆଜି ସୂରୁଜ ବଦଳରେ ବଉଦ ଆସିଯାଇଚି । ଆଉ ସୂରୁଜକୁ ବି ତା ପଛରେ ଛପିଯାଇଛି ।



ପବନ ବେଗରେ ନିଜ ଉଆସ ଡକୁ ଦୌଡିଲା, ହେଲେ ଉଆସ ଭିତରେ ପହଁଚୁ ପହଁଚୁ ସେ କୁକୁ ଶାରୀ ବଉଦ ଉପରେ ଭୀଷଣ ରାଗିଗଲା । ତମ୍‌ତମ୍ ହେଇ ବହେ ଗାଳିଶୋଧି ପକାଇଲା ଓ ଚଂଚଳ ସେଠୁ ଚାଲିଯିବାକୁ କହିଲା । କଳାହାଣ୍ଡିଆ ବଉଦ ତୁଣ୍ଡ ଖୋଲିଲାନି । ତା କଟୁ କଥାକୁ ଚୁପଚାପ୍ ଶୁଣିନେଲା । ସୂରୁଜ ବି ଏ ସବୁକଥା କାନପାତି ଶୁଣୁଥିଲା । ହେଲେ ବାଦଲ ଉହାଡରେ ଲୁଚି ରହିଥିବା ଯୋଗୁ ସେ କୁକୁ ଶାରୀକୁ ରୋକି ପାରିଲାନି । ବଉଦ ଉଦାସ ମୁହଁରେ ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲା । ଏ ସମୟରେ ମୂଷଳଧାରାରେ ବରଷା ବର୍ଷିବାରେ ଲାଗିଲା । କୁକୁ ଶାରୀ ହୁତୁହୁତୁ ହୋଇ ଜଳିଯିବ, ପଶୁପକ୍ଷୀ ଅକାଳରେ ମରଣ ମୁଖରେ ପଡିବେ । ଖାସି ସେତିକି ନୁହେଁ, ପରଫଂ ତରଳିଯିବ, ସମୁଦ୍ରରେ ଜଳସ୍ତର ବୃଦ୍ଧିପାଇବ, ସୁ ସୁ ଗର୍ଜନ କରି ବନ୍ୟା ମାଡିଆସିବ ,ଗଛବୃକ୍ଷ ଓ ଭୂମି ସବୁ ପାଣିରେ ଉବୁଟୁବୁ ହୋଇଯିବ । ଶାଗୁଆ ଗଛଲତା ଯେତେବେଳେ ନ ଥିବ ତୁମେ କେଉଁଠି ନିଜ ଘର ବନେଇବ । ଏଣୁ ପ୍ରତି ଋତୁର ନିଜସ୍ୱ ମହତ୍ୱ ରହିଛି... ତାହା କେମିତି ? କୁକୁ ଶାରୀ ପଚାରିଲା । ଦେଖ ମୁଁ ଆସୁ ଆସୁ ନଦୀ ଓ ପୋଖରୀରୁ ପାଣି କେମିତି ଶୁଖିଯାଉଛି । ଫେର୍ ଏଇ ବଉଦ ଧରିତ୍ରୀର କୋଣ ଅନୁକୋଣରେ ବର୍ଷା କରୁଛି । ଯଦ୍ୱାରା ବହୁତ ଗଛବୃକ୍ଷ ଆକାଶକୁ ମୁଣ୍ଡଟେକି ଠିଆ ହୋଇଛି,ଜୀବଜନ୍ତୁ ଓ ଲୋକବାକଙ୍କୁ ପ୍ରଚୁର ଖାଦ୍ୟସାମଗ୍ରୀ ମିଳୁଛି ଏବଂ ଜୀବନ ସେମିତି ନିରବଚ୍ଛିନ୍ନ ଭାବେ ଗତି କରୁଛୁ । ଏବେ କଥାଟା ବୁଝିଗଲ ତ ମୋ ପ୍ରିୟମିତ କୁକୁ !

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର
ଓସ୍କାର ସିଟି, ଲେନ ନଂ-୯,ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ -୯୪୩୮୩୩୨୧୩୮

ଛାପ

ଧ୍ରୁବ ଚରଣ ଘିବେଲା

ଛାପା ଅକ୍ଷର ଲାଗେ ସୁନ୍ଦର
କବିତା ହେଉ ଗପ
ହାତଲେଖାଠୁ କେତେ ବଢ଼ିଆ
ଛାପା ଅକ୍ଷର ଛାପ ।

ପେନସିଲର ମୂନର ଧାର
ଟାଣିଲେ ଖାତା ଦେହେ
ହାତରେ ଅଙ୍କା ଚିତ୍ର ସୁନ୍ଦର
ଦେଖିଲେ ମନ ମୋହେ ।

କଲମ ଲେଖା ସହଜେ ପୁଣି
ଖାତାରୁ ଲିଭେ ନାଇଁ
ପେନସିଲର ଲେଖାକୁ ଘଷି
ଦେଲେ ସେ ଲିଭି ଥାଇ ।

ଇନ୍ଦିରଧନୁ ଛାପ ସୁନ୍ଦର
ଆକାଶେ ଥିଲେ ଅଙ୍କା
ଦିଶେ ବଢ଼ିଆ ସେ ମନଛୁଆଁ
ଧନୁ ଥିଲେ ବି ବଙ୍କା ।

ରହି ଆକାଶେ ଧନୁର ଛାପ
ସାତ ରଙ୍ଗ ସୁନ୍ଦର
ଜନମନକୁ କରେ ହରଣ
ରଙ୍ଗର ପଟୁଆର ।

ମାର୍ବଲ(ରେ)ଗଢ଼ା ତାଜମହଲ
ଦିଶଇ ମନୋହର
ଦେଖିଲେ ବାରେ ତା’ ଛାପ ଲାଖେ
ମନରେ ଚିରକାଳ ।

ଆଖିରେ ଦେଖା କୀରତିରାଜି
ଭାବିଲେ ମନେ ଦିଶେ
ସ୍ମୃତି ସଜଳ ସତେଜ ରହି
ମନ ଦର୍ପଣେ ଭାସେ ।

କୀରତି ଛାପ ସ୍ମୃତି ଅତୁଟ
ଅଭୁଲା ସବୁଦିନ
ପ୍ରେରଣାଦାୟୀ ଲେଖା ସୁନ୍ଦର
ଗଢ଼େ ଜୀବନ ଧନ୍ୟ ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

ଶୁଣ ମାଟି ମାଆ ସ୍ୱର

ସୁଦର୍ଶନ ମହାପାତ୍ର

ଉଠରେ ଉଠରେ ଉତ୍କଳ ସନ୍ତାନ
ଶୁଣ ମାଟି ମାଆ ସ୍ୱର
ଜାଣି ନିଅ ଥରେ ଦୀପ୍ତ ଇତିହାସ
ପୂଣ୍ୟ ଭୂମି ଉତ୍କଳର ।

ଏ ମାଟି ସନ୍ତାନ ମଧୁ ଗୋପବନ୍ଧୁ
ସୁଭାଷ ବାଲୁତ ବାଜି
ଜୟୀ ରାଜଗୁରୁ ବକ୍ସି ଜଗବନ୍ଧୁ
ପ୍ରାତଃ ସ୍ମରଣୀୟ ଆଜି ।

ଓଡ଼ିଆ ଜାତିର ତୁମେ ହିଁ ଦାୟଦ
ଜାଣ ତା ଗୌରବ ଗୀତି
ଭାଷା ସାହିତ୍ୟର ଆରାଧନା କର
ରଚିଯାଅ ଯଶ କୀର୍ତ୍ତି ।

ଜାତି ପ୍ରୀତି ବହ୍ନି ଜାଳ ଅନ୍ତରରେ
ସ୍ୱାର୍ଥ କୁ ଆହୂତି ଦେଇ
ଏ ମାଟି ମହକ ବିଶ୍ୱ ଦିଅ ବିଶ୍ୱେ
ଜାତି କର୍ଣ୍ଣଧାର ହୋଇ ।

ଛାଡି ସଂକୀର୍ଣ୍ଣତା ଛନ୍ଦ କପଟତା
ମତି ରଖ ସୁକର୍ମରେ
ଶାନ୍ତି ମୈତ୍ରୀ ଭାବ ହୃଦୟରେ ବହି
ଧ୍ୟାନ ଦିଅ ଐକ୍ୟତାରେ ।

ଶିକ୍ଷା ସଂସ୍କୃତିର ହୁଅ ବାର୍ତ୍ତାବହ
ଶୁଦ୍ଧତାରେ ଭର ମନ
ଚିନ୍ମୟ ଚେତନା କର ଜାଗରିତ
ହୃଦେ ଭରି ସ୍ୱାଭିମାନ ।

ନବ ଜାଗରଣେ କର ଆଲୋକିତ
ପବିତ୍ର ଉତ୍କଳ ଭୂଇଁ
ଜାତି ନନ୍ଦିଘୋଷ ପ୍ରଗତିର ପଥ
ନିଅ ତୁମେ ଏବେ ବାହି ।

+କୁଞ୍ଜବିହାରୀ ଲେନ, କଟକ

ଶୋଇଛି ହେମନ୍ତ

ବିଜୟଲକ୍ଷ୍ମୀ ପାଣିଗ୍ରାହି

ସୁନା ଶେଜ ପାରି ଶୋଇଛି ହେମନ୍ତ
ଶାଗୁଆ ଗାଲିଚା ପରେ
ନୀଳ ପାହାଡର କମକୁଟା ଦେହ
ସୁନେଲି କିରଣ ଧରେ ।

ଉପରେ ଭାସୁଛି ଧଳା ମେଘମାଳ
ତଳେ ଖେଳେ କାଶତଣ୍ଡି ।
କଅଁଳ ସକାଳେ କଅଁଳ ପତରେ
କାଲୁଆ ମୁକୁତା ମଣ୍ଡି ।

କୁହୁଡି ଫାଙ୍କରୁ ଫିକା ଫିକା ଦିଶେ
ଉଲଙ୍ଗ ଗେରୁଆ ପଥ
ଶୀତକୁ ବାନ୍ଧିଛି ନହୁଲି ନାୟିକା
ବିଛେଇ ଦେଇ ପଣତ ।

ଛବିଳ ଛାୟାରେ ଚୃହକେ ପ୍ରକୃତି
ଦୁଃଖ ଯେତେ ସବୁ ହରେ ।
ନିଭିଲା ନିଆଁର ଧୂଆଁ ଧାରେ ଏଠି
ଧୀରେ ଶୀତ ଅପସରେ ।

+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

ଶୀତ ପାଇଁ ହୁଅନି କାତର...

ଗୋପୀନାଥ ଦାଶ

ଶୀତ ପାଇଁ ପିଲେ ହୁଏ ନି କାତର
ସଅଁଳ ସଅଁଳ ଉଠ
ଘର ପାଠ ସାରି ସ୍କୁଲ ଯିବ ପରା
ଆଉ କର ନାହିଁ ମଠ ।

ଶୀତ ଦିନ ସାନ ପାଠ ଯେ ଅଧିକ
କଥା ଟିକେ ତୁମେ ବୁଝିବ
ଅଳସ ପାସୋରି ଅଭ୍ୟାସ କଲେ
ଭଲ ମଣିଷଟେ ହେବ ।

କେତେ ଯେ ସକାଳୁ ପକ୍ଷୀ ରାବିଲେଣି
ଗାଈ ଚାରିବାକୁ ଗଲେ
ଚାଷୀ ମାନେ ଦେଖ ହଳକୁ ଯେ ନେଇ
କ୍ଷେତକୁ ଗମନା କଲେ ।

ବାପା ଚାଲିଗଲେ କାମରେ ସହର
ମାଆ ଧୋଉଛନ୍ତି ବାସନ
ଗାଧୋଇ ପାଧୋଇ ଜଳଖିଆ ଦେବେ
ତୁମର ନେବେ ଯତନ ।

ମନ୍ଦିର ପୂଜାରୀ କଲେଣି ଆଳତି
ଦିଅଁଙ୍କୁ ଦେଲେଣି ଭୋଗ
ପରିବା ବିକାଳୀ ଡାକିଲେଣି ପରା
ନିଅ ସଜ ତୋଳା ଶାଗ ।

ଅଳସ ଛାଡି ପାଠକୁ ଜାଣିଲେ
ବଡ଼ ଲୋକେ ହେବ ଗଣା
ଦେଶ ବବିଷ୍ୟତ ତୁମେ ଅଟ ପିଲେ
ପାଠ କରିବନି ଉଣା ।

ବରପାଲିପଡ଼ା, ବଲାଙ୍ଗିର
ମୋ: ୬୩୭୧୮୦୫୦୭୦

ସେଲ ଆରଏସପିର ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ନୂତନ ସୁବିଧା ଉଦ୍‌ଘାଟିତ

ରାଉରକେଲା, ୧୩/୧୨ (ନି.ପ୍ର): ସେଲ ରାଉରକେଲାର ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ଭିତ୍ତିଭୂମି ଏବଂ ସୁରକ୍ଷା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏକ ଚିହ୍ନଟ ଏବଂ ଆଲାର୍ମିଂ ବ୍ୟବସ୍ଥା ସ୍ଥାପନ କରାଯାଇଛି ଏବଂ ଏକ ରୋଷଶାଳାର ନବୀକରଣ କରାଯାଇଛି । ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଡିସେମ୍ବର ୧୨ ତାରିଖରେ କାର୍ଯ୍ୟ ବିଭାଗର ଇଡି ଇନ୍-ଚାର୍ଜ ଶ୍ରୀ ଆଲୋକ ବର୍ମାଙ୍କ ଉପସ୍ଥିତିରେ ଆଇଜିଏଚରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଭୟ ସୁବିଧାର ଉଦଘାଟନ କରିଥିଲେ । ଏହି ଅବସରରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ-ଚାର୍ଜ ଡକ୍ଟର ଜୟନ୍ତ ଆଚାର୍ଯ୍ୟ, ସିଏମଓ ଡକ୍ଟର ପି କେ ମହାପାତ୍ର ଓ ଡକ୍ଟର ଆର ଆର ମହାନ୍ତି, ଅଗ୍ନିଶମ ସେବା ବିଭାଗର ଜିଏମ୍ ଇନ୍-ଚାର୍ଜ ଶ୍ରୀ ଜେ ବି ପଟ୍ଟନାୟକ ଏବଂ ଅନ୍ୟ ବରିଷ୍ଠ ଡାକ୍ତର, ପ୍ଲାଣ୍ଟର ବରିଷ୍ଠ ଅଧିକାରୀ ଏବଂ ଆଇଜିଏଚ୍ ର କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ୬.୪୮ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହୋଇଥିବା ଏଫଡିଏ ଡିଟେକ୍ଟର ଏବଂ ଫାୟାର ଫାଇଟିଂ ସିଷ୍ଟମ ଆଇଜିଏଚ କମ୍ପ୍ଲେକ୍ସର ବ୍ୟାପକ ଅଞ୍ଚଳ ମଧ୍ୟରେ ସଂସ୍ଥାପିତ ହୋଇଛି ଯାହା ମଧ୍ୟରେ ମୁଖ୍ୟ ବିଲଡିଂ, ଓପିଡି ବ୍ଲକ୍, ନର୍ସିଂ ଟ୍ରେନିଂ ଇନଷ୍ଟିଚ୍ୟୁଟ୍, ଲଣ୍ଡ୍ରି, କିଚେନ୍ ଏରିଆ ଏବଂ ସାଇକ୍ୟାଟ୍ରିକ୍ ୱାର୍ଡ ଭଳି ପ୍ରମୁଖ ଅଞ୍ଚଳକୁ ସାମିଲ ରହିଛି । ଏହି ଅଗ୍ନି ସୁରକ୍ଷା ବ୍ୟବସ୍ଥା ହସ୍ପିଟାଲରେ ଅଗ୍ନି ସୁରକ୍ଷା ସଂପୂର୍ଣ୍ଣ ମଜଭୁତ କରିଛି ।

ଏଫଡ଼ିଏ ସିଷ୍ଟମରେ ୫ଟି ଫାୟାର ଆଲାର୍ମ ପ୍ୟାନେଲ, ୧୧୭୭ ଏଫଡିଏ ଡିଟେକ୍ଟର ଏବଂ ୧୫୦୦୦ ମିଟର ସ୍ୱତନ୍ତ୍ର ଗ୍ରେଡ୍ ଅଗ୍ନି କେବୁଲ ରହିଛି । ଅଗ୍ନି ନିର୍ବାପକ ବ୍ୟବସ୍ଥାରେ ୫ ଟି ପମ୍ପ, ୧୦୫୨ଟି ଓ୍ୱାଟର ସ୍ପ୍ରିଙ୍କଲର, ୭୦୦୦ ମିଟର ପାଇପଲାଇନ, ୮୦ ଟି ଅଗ୍ନି ନିର୍ବାପକ ଯନ୍ତ୍ର, ୧୦୧ ଟି ଫାୟାର ହୋସ ରିଲ ଏବଂ ୧୦୧ ଟି ଫାୟାର ହାଇଡ୍ରାଣ୍ଟ ଅନ୍ତର୍ଭୁକ୍ତ ରହିଛି । ଏଥିସହ ଭିତ୍ତିଭୂମିକୁ ଉନ୍ନତ କରିବା ପାଇଁ ୩ ଲକ୍ଷ ଲିଟର ପାଣି ଟାଙ୍କି ସହିତ ଏକ ନୂତନ ନିର୍ମିତ ପମ୍ପ ହାଉସ ସ୍ଥାପନ କରାଯାଇଛି । ଏଫଡ଼ିଏ ଡିଟେକ୍ଟରଗୁଡିକ ଧୂଆଁର ଶୀଘ୍ର ଚିହ୍ନଟକୁ ସକ୍ଷମ କରିଥାଏ, ଯାହା ଏକ ଆଲାର୍ମ ସୃଷ୍ଟି କରିଥାଏ ଏବଂ ମେନ୍ କଣ୍ଟ୍ରୋଲ୍ ରୁମରେ ୫୫ ଇଞ୍ଚ୍ ମନିଟରରେ ପ୍ରକୃତ ଇଭେଣ୍ଟ ଅବସ୍ଥାନ ପ୍ରଦର୍ଶନ କରିଥାଏ, ଯାହା ତୁରନ୍ତ କାର ?ୟ୍ୟାନୁଷ୍ଠାନ ପାଇଁ ସିଗନ୍ୟାଲ ଦେଇଥାଏ । ଏହି ପ୍ରକଳ୍ପଟି ମେଷର୍ଷ ସେଣ୍ଟର ଫର ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଦ୍ୱାରା ପରିକଳ୍ପିତ ହୋଇଥିଲା ଏବଂ ଆରଏସପି ମେଡିକାଲ ବିଭାଗର ସହଯୋଗରେ ପ୍ରକଳ୍ପ ଓ ଆଧୁନିକୀକରଣ, ଫାୟାର ସର୍ଭିସେସ୍ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା । ସୂଚନାଯୋଗ୍ୟ ଯେ ନିକଟରେ ଆଇଜିଏଚକୁ ଓଡିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା, ରାଜ୍ୟ ସରକାରଙ୍କ ଦ୍ୱାରା ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଚେଷ୍ଟ ୱାର୍ଡ ପଛରେ ଅବସ୍ଥିତ ନବୀକରଣ ହୋଇଥିବା ରୋଷଶାଳା ବର୍ତ୍ତମାନ ଏକ ବଡ଼ ଚିମିନି, ୮ଟି ଅତିରିକ୍ତ ଷ୍ଟୋର ରୁମ୍ ଏବଂ ଏଲପିଜି ସିଲିଣ୍ଡର ବ୍ୟାଙ୍କ ସହିତ ମୌଳିକ ଟାଇଲ୍ ଏବଂ ଆଲୋକ ସୁବିଧା ସହିତ ସଜ୍ଜିତ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ନର୍ସିଂ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ଛାତ୍ରଛାତ୍ରୀଙ୍କ ସମେତ ୩୨୦ଜଣଙ୍କୁ ଖାଦ୍ୟ ଯୋଗାଉଥିବା ରୋଷଶାଳା ନିକଟରେ ଖାଦ୍ୟ ଏବଂ ନିରାପତ୍ତା ମାନକ ପ୍ରାଧିକରଣରୁ ଏସଏସଏସଏଆଇ ପ୍ରମାଣପତ୍ର ଅଛି ।

ଏହି କାର୍ଯ୍ୟକ୍ରମକୁ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ହସ୍ପିଟାଲ ସର୍ଭିସ ବିଭାଗର ଡେପୁଟି ସିଏମ୍ଓ ଡକ୍ଟର ସାହିଦ ସିନିୟର କନସଲଟାଣ୍ଟ ଏବଂ ଡିଏସଓ ଡକ୍ଟର ରୀଚା ଓ ସିନିୟର କନସଲଟାଣ୍ଟ ଡକ୍ଟର ରାଜୀବ ଏବଂ ସଂପୃକ୍ତ ବିଭାଗଗୁଡ଼ିକ ମିଳିତ ଭାବେ ସଂଯୋଜନା କରିଥିଲେ ।

ଜିଲ୍ଲାର ଲୋକ ପର୍ବ ମାଲ୍ୟାବନ୍ତ ମହୋତ୍ସବ ଉପଲକ୍ଷେ ନୌକା ଚାଳନା ପ୍ରତିଯୋଗୀତା

ମାଲକାନଗିରି, ୧୩/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ମାଲ୍ୟବନ୍ତ ମହୋତ୍ସବ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନୌକା ଚାଳନା ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା । ମାଲ୍ୟବନ୍ତ ମହୋତ୍ସବ ଆଦିବାସି ବହୁଳ ମାଲକାନଗିରି ଜିଲ୍ଲାର ଲୋକପର୍ବ ହୋଇଥିବା ବେଳେ ଏହି ମହୋତ୍ସବକୁ ପ୍ରତିବର୍ଷ ଜିଲ୍ଲା ପ୍ରଶାସନ ଖୁବ ଧୁମ ଧାମରେ ଆୟୋଜନ କରିଥାଏ । ବିଶେଷ କରି ଜିଲ୍ଲାର କଳା ସଂସ୍କୃତି ସହ କଳାକାର ଓ ଖେଳକୁ ଲୋକ ଲୋଚନକୁ ଆଣିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ତେବେ ଏହି ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଜିଲ୍ଲାର ସତିଗୁଡା ଜଳ ଭଣ୍ଡାରରେ ଆୟୋଜିତ ହୋଇଥିଲା ନୌକା ଚାଳନା ପ୍ରତିଯୋଗିତା । ଏଥିରେ ୧୦ ଟି ଗାଁର ୪୦ ଜଣ ଆଦିବାସି ଧିବର ଭାଗ ନେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଏସପି ରୋହିତ ବର୍ମା, ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କତାପାଲି, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ସୋମନାଥ ପ୍ରଧାନ, ଏସିଏଫ ଡ. ଏଲା ଭର୍ସନଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ତେବେ ଜିଲ୍ଲାପାଳ ଶ୍ରୀ ପାଟିଲ ପତାକା ଦେଖାଇ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ଏହି ପ୍ରତିଯୋଗିତାର ଆବାହକ ଦୁର୍ଯୋଧନ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗଭିର ଜଳରାଶି ମଧ୍ୟରେ ଏପରି ନିଆରା ନୌକା ପ୍ରତିଯୋଗିତାକୁ ଦେଖିବା ଲାଗି ଅନେକ ଲୋକଙ୍କ ସମାଗମ ହୋଇଥିଲା । ପ୍ରତିଯୋଗିତା ଶେଷ ହେବା ପରେ ଶ୍ରେଷ୍ଠ ପ୍ରତିଯୋଗି ମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବରେ ପୁରସ୍କୃତ କରା ଯିବାକୁ ସ୍ଥିର ହୋଇଥିବା ବେଳେ ଏପରି ନିଆରା ପ୍ରତିଯୋଗିତାରେ ଭାଗ ନେଇ ବେଶ ଖୁସି ପ୍ରକାଶ କରିଛନ୍ତି ପ୍ରତିଯୋଗି ମାନେ । ଆଜିର ଏହି ପ୍ରତିଯୋଗିତାରେ ଦଶଟି ଦଳ ମଧ୍ୟରୁ ପ୍ରଥମ ସ୍ଥାନ ହାସଲ କରିଥିଲା ଶିନ୍ଦ୍ରୀମାଳ ଗ୍ରାମର ଦଳ, ସେହିପରି ଦ୍ୱିତୀୟ ସ୍ଥାନ ହାସଲ କରିଥିଲା ସୋରିଷମାଳ ଗ୍ରାମ ଦଳ ଓ ତୃତୀୟ ସ୍ଥାନ ହାସଲ କରିଥିଲା ଏମଭି ୧୧୧ଗ୍ରାମର ଦଳ ।

ଗଞ୍ଜାମ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ୨୦୨୪-୨୫ ପାଳିତ

ଛତ୍ରପୁର, ୧୩/୧୨ (ନି.ପ୍ର): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା, ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ନେହେରୁ ଯୁବ କେନ୍ଦ୍ର ବ୍ରହ୍ମପୁରଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଜିଲ୍ଲା ସଂସ୍କୃତି ଭବନ ଛତ୍ରପୁର ଠାରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଦେଶ ଗଠନରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସମାଜର ଭବିଷ୍ୟତ ନିର୍ଦ୍ଧାରଣରେ ଯୁବପିଢୀ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ନିଜର ସାର୍ଥକତା ପ୍ରତିପାଦନ କରିଥାଆନ୍ତି । ଏହି ଉତ୍ସବ ଜରିଆରେ ଆଗାମୀ ପିଢୀଙ୍କୁ ଲୋକକଳା, ସଂସ୍କୃତିକୁ ଜୀବୀତ ରଖିବା ପ୍ରୟାସ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ ପରେପରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା ଅତିଥି ମାନଙ୍କ ପରିଚୟ ପ୍ରଦାନ ପୂର୍ବକ ଯୁବ ଉତ୍ସବ ପାଳନର ତାତ୍ପର୍ଯ୍ୟ ଉପରେ ସମସ୍ତଙ୍କୁ ଅବଗତ କରାଇବା ସହ ଯୁବକ ମାନେ ହେଉଛନ୍ତି ଦେଶର ମେରୁଦଣ୍ଡ,ତେଣୁ ଏହି ଉତ୍ସବ ପାଳନ ଦ୍ୱାରା ଯୁବ ଶକ୍ତିର ଉତ୍ସାହ ଓ ଉଦ୍ଦୀପନାକୁ ବୃଦ୍ଧିକରିବା ସହ ଯୁବକ ମାନଙ୍କୁ ସଂସ୍କୃତି, ପରମ୍ପରା ଆଦି ବିଷୟ ଜାଣିବାର ଅବସର ପ୍ରଦାନ ବୋଲି ପ୍ରକାଶ କରିଥିଲେ ।

ପୋଷ୍ୟ ସନ୍ତାନ ଗ୍ରହଣ, ପ୍ରତିପାଳନ ଶିଶୁ ଯତ୍ନ ଆଧାରିତ ସଚେତନତା

ବଲାଙ୍ଗିର, ୧୨ ଡିସେମ୍ବର (ହି.ସ.)- ବେଲପଡା ବ୍ଲକ୍ ଅନ୍ତର୍ଗତ ଜବାହାର ନବୋଦୟ ବିଦ୍ୟାଳୟର ସଭାଗୃହ ଠାରେ ପୋଷ୍ୟ ସନ୍ତାନ ଗ୍ରହଣ, ପ୍ରତିପାଳନ ଶିଶୁ ଯତ୍ନ ଆଧାରିତ ସଚେତନତା ବେଳପଡ଼ା ଗୋଷ୍ଠି ଉନ୍ନୟନ ଅଧିକାରୀ ରାଜେଶ କୁମାର ମେହେରଙ୍କ ଅଧକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ କୁମାର ଖୁଆସ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବିଦ୍ୟୁତ୍ ପ୍ରଭା ନାଗ,ସି ଡି ପି ଓ କହିଲେ ମା ଗର୍ଭରୁ ଆରମ୍ଭ କରି ୧୮ ବର୍ଷ ବୟସ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଶିଶୁ ଓ ମହିଳା ବିଭାଗ ତରଫରୁ ଶିଶୁର ବିକାଶ,ସୁରକ୍ଷା ଓ ସର୍ବାଙ୍ଗୀନ ଉନ୍ନତି ସକାଶେ ବିଭିନ୍ନ ପ୍ରକାର ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଅଛି ଏବଂ ପୋଷ୍ୟ ସନ୍ତାନ ଗ୍ରହଣରେ ଆଇନଗତ ବିଧି ବ୍ୟବସ୍ଥା ଉପରେ ଜଣାଇଥିଲେ ।ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଅରୁଣା ର ଜିଲ୍ଲା ପରାମର୍ଶଦାତା ଶ୍ରୀ ପ୍ରମୋଦ ବଗର୍ତି ଯୋଗଦାନ କରି ଆଇନ୍ ସମ୍ମତ ପୋଷ୍ୟ ସନ୍ତାନ ଗ୍ରହଣ, ପ୍ରତ୍ୟାଶୀ ପୋଷ୍ୟ ସନ୍ତାନ ଗ୍ରହଣକାରିଙ୍କ ଯୋଗ୍ୟତା,ମବକ୍ସସଭଶଷ୍ଟ ପୋର୍ଟାଲ ମାଧ୍ୟମରେ ପୋଷ୍ୟ ସନ୍ତାନ ପାଇଁ ଅଗହି ବ୍ୟକ୍ତିଙ୍କ ଆବେଦନ ତଥା ପ୍ରତିପାଳନ ଯତ୍ନ ବ୍ୟବସ୍ଥା ଓ ପ୍ରତିପାଳନ ଯତ୍ନ ବ୍ୟବସ୍ଥା ରୁ ଶିଶୁ କୁ ପୋସ୍ୟ ସନ୍ତାନ ରୂପେ ଗ୍ରହଣ ,ଫୋଷ୍ଟର କେଆର, ଯଶୋଦା, ପନସର୍ ସିପ୍ , ଗ୍ରିନ ପେସେଜ୍ ଯୋଜନା ଉପରେ ଜଣାଇଥିଲେ, ଜିଲ୍ଲା ଚାଇଲ୍ଡ ହେଲ୍ପ ଲାଇନର ଜିଲ୍ଲା ସଂଯୋଜକ ଶ୍ରୀ ବିକ୍ରମ ପଣ୍ଡା କହିଲେ ଜେ କୌଣସି ଅନାଥ,ପିତୃ,ମାତୃ ହିନ ଶିଶୁ , ସୁରକ୍ଷା ,ଯତ୍ନ ଆବଶ୍ୟକ କରୁଥିବା ଶିଶୁଙ୍କ ପାଇ ୧୦୯୮ ଫୋନ୍ କରିବା ପାଇ ଜଣାଇଥିଲେ । କାର୍ଯ୍ୟକ୍ରମରେ ବେଲପଡ଼ା ବ୍ଲକ୍ ରୁ ଆଶା, ଅଙ୍ଗନୱାଡ଼ି, ଏ ଏନ ଏମ , ସୁପରଭାଇଜର ୨୦୦ ରୁ ଉର୍ଦ୍ଧ ଉପସ୍ଥିତ ଥିଲେ ।ପରିଶେଷରେ ବ୍ଲକ୍ ପ୍ରୋଗ୍ରାମ୍ ମ୍ୟାନେଜର ନୀଳମାଧବ ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ସୂଚନା ଫଳକରେ ତ୍ରୁଟି : ଦର୍ପଣୀ ସ୍ଥାନରେ ଦରପଣୀ

ଧର୍ମଶାଳା, ୧୩/୧୨ (ନି.ପ୍ର): ଓଡିଶା ଭାଷାକୁ ଗୁରୁତ୍ୱ ଦିଆଯିବ । ସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସୂଚନ ଫଳକ ପର୍ଯ୍ୟନ୍ତ ସବୁଠାରେ ଓଡିଆ ଭାଷା ବ୍ୟବହାର ହେବ । ଏଭଳି ନିଷ୍ପତି ଗ୍ରହଣ କରିଥିବା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉଛି । କିନ୍ତୁ, ତ୍ରୁଟିପୂର୍ଣ୍ଣ ସୂଚନା ଫଳକ ଲୋକଙ୍କୁ ଭ୍ରମିତ କରୁଛି । ଓଡିଆ ଶବ୍ଦକୁ ସଠିକ୍ ଭାବେ ଲେଖାଯାଇ ନ ଥିବା ଭଳି ବହୁ ସ୍ଥାନରେ ଦେଖିବାକୁ ମିଳିଛି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଯାଜପୁର ଜିଲା ବଡଚଣା ବ୍ଲକ ଚଣ୍ଡିଖୋଲ-ଦର୍ପଣୀଗଡ ପୂର୍ତ ବିଭାଗ ରାସ୍ତାର ଦୋଳମୁଣ୍ଡାଇ ଓ ଦର୍ପଣୀଗଡ ଛକରେ ପୂର୍ତ ବିଭାଗ ପକ୍ଷରୁ ଜନସାଧାରଣଙ୍କ ପାଇଁ ସୂଚନା ଫଳକ ଲାଗିଛି । ସୂଚନା ଫଳକରେ ଓଡିଆ ଭାଷାକୁ ସମ୍ମାନ ଜଣାଇ ଓଡିଆରେ ସ୍ଥାନର ନାମ ଲେଖା ଯାଇଛି । ମାତ୍ର ସ୍ଥାନର ନାମ ଓଡିଆରେ ଭୁଲ ଲେଖା ହୋଇଥିବାରୁ ଆସୁଥିବା ଲୋକେ ଭ୍ରମିତ ହେଉଛନ୍ତି । ରାସ୍ତାର ଦୋଳମୁଣ୍ଡାଇ ଛକରେ ପୂର୍ତ ବିଭାଗ ପକ୍ଷରୁ ସୂଚନା ଫଳକରେ ଦର୍ପଣୀ ଛକର ନାମକୁ ଦରପଣୀ ଲେଖା ଯାଇଥିବା ବେଳେ ଦୋଳମୁଣ୍ଡାଇ ଛକକୁ ଦେଳମୁଣ୍ଡାଇ ଓ ଇଂରାଜୀରେ ମଧ ଦାଳମୁଣ୍ଡାଇ ଲେଖାଯାଇଛି । ସେହିପରି ଦର୍ପଣୀ ଛକର ନାମ ପରିବର୍ତେ ଦରପଣୀ ଲେଖାଯାଇଛି । ଯାହାକି ବୁଦ୍ଧିଜୀବୀ ନାମପସନ୍ଦ କରିବା ସହିତ ବିଭାଗ ପକ୍ଷରୁ ଏହାର ତ୍ରୁଟି ସଂଶୋଧନ କରିବାକୁ ଦାବି କରିଛନ୍ତି ।

ବଲାଙ୍ଗିର ଜିଲ୍ଲାରେ ଫେବୃଆରୀ ୧୦ ତାରିଖଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଅଭିଯାନ

ବଲାଙ୍ଗିର, ୧୩/୧୨ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଫାଇଲେରିଆ ନିରାକରଣ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଗୌରୱ୍ୱ ଶିଓ୍ୱାଜୀ ଇସଲଓ୍ୱାର ଅଧକ୍ଷତାରେ ବଲାଙ୍ଗିର ଜିଲ୍ଲାରେ ଆଗାମୀ ଫେବୃଆରୀ ୧୦ ତାରିଖଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ । ଏହି ସମୟ ମଧ୍ୟରେ ଜିଲ୍ଲାର ୧୩ ଲକ୍ଷ ୪୯ ହଜାର ୪୧ ଜଣଙ୍କୁ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ଔଷଧ ପ୍ରଦାନ କରାଯିବ । ଏଥି ସକାଶେ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀ ଏବଂ ସୁପରଭାଇଜର ଙ୍କୁ ନିୟୋଜିତ କରାଯିବ । ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ନିଜ ତତ୍ତ୍ୱାବଧାନରେ ନିଜ ସମ୍ମୁଖରେ ଔଷଧ ଖୁଆଇବେ । ଗର୍ଭବତୀ ମହିଳା ,୨ ବର୍ଷରୁ କମ ବୟସର ଶିଶୁ ଓ ଗୁରୁତର ରୋଗୀ ଙ୍କୁ ଏହି ବଟିକା ଦିଆଯିବାନାହିଁ । ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ । ଡିଇସି, ଆଲବେଣ୍ଡାଜଲ, ଆଇଭରମେକଟିନ ବଟିକା ଓ କୃମିନାଶକ ବଟିକା ନିୟୋଜିତ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀ ମାନେ ଘରକୁ ଘର ଯାଇ ପରିବାର ର ସଦସ୍ୟ ସଦସ୍ୟା ମାନଙ୍କୁ ବୟସ ଅନୁସାରେ ଏହି ବଟିକା ଖୁଆଇବେ । ଏହି ଔଷଧ ସେବନ ଦ୍ୱାରା ଶରୀର ଭିତରେ ଥିବା ମାଇକ୍ରୋ ଫାଇଲେରିଆ ପରଭୋଜୀ ସମ୍ପୂର୍ଣ୍ଣ ଭାବେ ମରିଯାଆନ୍ତି ଏବଂ ବଡ ପାରାସାଇଟ ମାନେ ନିଷ୍ତେଜ ହୋଇଯାଆନ୍ତି ତଥା ଲୋକମାନେ ଭବିଷ୍ୟତରେ ଫାଇଲେରିଆ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରନ୍ତି ଏବଂ ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଅଟେ ବୋଲି ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ ସୂଚନା ଦେଇଥିଲେ । ଏ ସମ୍ପର୍କରେ ଜିଲ୍ଲାରେ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ତାଲିମ ପ୍ରଦାନ, ରାତ୍ରିକାଳୀନ ରକ୍ତ ନମୁନା ସର୍ଭେ, ବ୍ଲକ ସ୍ତରୀୟ ସମନ୍ୱୟ ବୈଠକ ଏବଂ ମାଇକ୍ରୋପ୍ଲାନ ସମ୍ପୂର୍ଣ ହୋଇଛି ବୋଲି ସେ ସୂଚନା ଦେଇଥିଲେ । ସଚେତନତା ନିମନ୍ତେ ଏ ସମ୍ପର୍କିତ ଲିଫଲେଟ ବଂଟନ ଓ ବିଦ୍ୟାଳୟ ଗୁଡିକରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲାପାଳ ଶିକ୍ଷା, ସୂଚନା, ଯୋଗାଯୋଗ ଉପଯୋଗ କରି ସ୍ଥାନୀୟ ଲୋକ ପ୍ରତିନିଧି , ଅଧିକାରୀଙ୍କ ପ୍ରଦର୍ଶିତ ଭିଡିଓ ବାର୍ତା କରି ସଚେତନ କରିବାକୁ କହିଥିଲେ । ସହରାଚଂଳରେ ଏହାର ପ୍ରଚାର ପ୍ରସାର ଅଧିକ ହେବା ସହ ଯେପରି କେହି ଏହି ଔଷଧ ଖାଇବାକୁ ବଂଚିତ ନ ହୁଅନ୍ତି ସେଥିପ୍ରତି ଦାୟିତ୍ୱବାନ ହେବା ସହ ସମସ୍ତ ବିଭାଗ ମିଳିତ ହୋଇ କାମ କଲେ ଏଥିରେ ଜିଲ୍ଲାକୁ ମିଳିଥିବା ଟାର୍ଗେଟକୁ ନିଶ୍ଚିତ ସଫଳତାର ସହ ସମାପନ କରିହେବ । ଆଜିର ଏହି ସମ୍ମିଳନୀରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ସୁଦ୍ଧା ବାର୍ଲା , ଜାତୀୟ ସ୍ୱାସ୍ଥ୍ୟ ମିଶନ ର ଜିଲ୍ଲା ପ୍ରୋଗ୍ରାମ ମେନେଜର ମୃତ୍ୟୁଞ୍ଜୟ ମୁଣ୍ଡ ,ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ସୁରେଶ ସ୍ୱାଇଁ , ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରିତାଞ୍ଜାଳୀ ମିଶ୍ର ,

ରକ୍ତଦାନରେ ମହିଳା ମାନେ ପଛୁଆ ନୁହଁନ୍ତି : ମଂଜୁଳା କଲିଆ

ଉଦଳା , ୧୩/୧୨ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ଡ଼ିସେମ୍ବର ୧୭ ତାରିଖ ମଙ୍ଗଳବାର ଦିନ ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ଏଥିପାଇଁ ପ୍ରସ୍ତୁତି ପର୍ବ ଆଗେଇ ଚାଲିଥିବା ବେଳେ ଆଜି ଡ଼ିସେମ୍ବର ୧୩ ତାରିଖ ଶୁକ୍ରବାର ଦିନ +୨ ଓ +୩ରେ ଥିବା ଜାତୀୟ ସେବା ଯୋଜନା, ଯୁବରେଡ଼କ୍ରସ ଓ ରେଂଜର୍ସ ର ଛାତ୍ରୀ ମାନେ ମିଳିତ ଭାବରେ ଶୋଭାଯାତ୍ରାରେ ଉଦଳା ବଜାର ପରିକ୍ରମା କରି ସଚେତନତାର ବାର୍ତା ବାଂଟିଥିଲେ । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ମଂଜୁଳା କଲିଆ ଆଜିର କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇ, ରକ୍ତଦାନ କ୍ଷେତ୍ରରେ ମହିଳା ମାନେ ପୁରୁଷଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯୁବ ରେଡ଼କ୍ରସର କାଉନସିଲର ଅଧ୍ୟାପିକା କୁମ୍ କୁମ୍ ଦାସ ଓ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମେରିନା ପଣ୍ଡା ରକ୍ତଦାନ କରୁଥିବା ବ୍ୟକ୍ତି କିପରି ନିଜେ ସୁସ୍ଥ ରହିବା ସହ ଅନେକ ଗୁଡ଼ିଏ ରୋଗରୁ ମୁକ୍ତି ପାଇଥାନ୍ତି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅଧ୍ୟାପକ ଅଂଜନ କୁମାର ବିଶ୍ୱାଳ, ଗିରିଜା ଶଙ୍କର ପାତ୍ର, ଅଧ୍ୟାପିକା ଶାନ୍ତିଲତା ହାଁସଦା ଓ ଲକ୍ଷ୍ମୀପ୍ରିୟା ସାମଲ ପ୍ରମୁଖ ଆଜିର କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିବା ସହ ଆସନ୍ତା ମଙ୍ଗଳବାର ଦିନ ବହୁ ସଂଖ୍ୟାରେ ଲୋକ ରକ୍ତଦାନ କରିବାକୁ ଅନୁରୋଧ ଜଣାଇଥିଲେ । ପ୍ରତିବର୍ଷ ମହିଳା ମହାବିଦ୍ୟାଳୟ ତରଫରୁ ଆୟୋଜିତ ଏହି ରକ୍ତଦାନ ଶିବିରଟି ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ବସବାସ କରୁଥିବା ମହିଳା ମାନଙ୍କ ମହଲରେ ଏକ ନୂଆ ପ୍ରକାର ଉତ୍ସାହ ଖେଳାଇ ଦେଉଥିବାର ପରିବେଶ ଦେଖିବାକୁ ମିଳେ ।

ଅବକାରୀ ଚଢ଼ାଉ: ତିନି ମଦବେପାରୀ ଗିରଫ ଏବଂ କୋର୍ଟ ଚାଲାଣ

ନୀଳଗିରି , ୧୩/୧୨ (ନି.ପ୍ର): ନୀଳଗିରି ଅବକାରୀବିଭାଗର ଅତର୍କିତ ଚଢ଼ାଉରେ ତିନିଜଣ ଚୋରାମଦ ବେପାରୀ ଗିରଫ ହେବାସହିତ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି । ସୂଚନା ଅନୁଯାୟୀ ଶୁକ୍ରବାର ପୂର୍ବାହ୍ନରେ ଔପଦା ବ୍ଲକ୍ ନୀଳଗିରି ଥାନା ବାଙ୍କିପଦା ଗ୍ରାମର ଉପେନ୍ଦ୍ର ମଲ୍ଲିକ (୫୩) ଙ୍କ ଠାରୁ ୧୮ଲିଟର ଦେଶୀମଦ ଜବତ ହୋଇଥିବା ବେଳେ ତରତୁଆ ଗ୍ରାମର ସବିତା ଶିଅଳ(୪୮) ଙ୍କ ଠାରୁ ୧୫ଲିଟର ଏବଂ ଭିମେଇ ଗ୍ରାମର ଉପେନ୍ଦ୍ର ମଲ୍ଲିକ (୫୦) ଙ୍କଠାରୁ ୨୪ଲିଟର ମୋଟ ୫୭ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ନୀଳଗିରି ଅବକାରୀ ରେଞ୍ଜ ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ, ନୀଳଗିରି ଅବକାରୀ ସବଇନ୍ସପେକ୍ଟର ଜଗନ୍ନାଥ ବେହେରା, ଏଏସଆଇ ଜୟମାଧବ ଦାସପଟ୍ଟନାୟକ, କନେଷ୍ଟବଳ ନାହାନ ମୁର୍ମୁ ପ୍ରମୁଖ ସାମିଲ ଥିବାବେଳେ ସାକ୍ଷୀଙ୍କ ଉପସ୍ଥିତିରେ ପଞ୍ଚନାମା ହେବାପରେ ସମସ୍ତ ଦେଶୀମଦକୁ ଘଟଣାସ୍ଥଳରେ ନଷ୍ଟ କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ ।

ଜିଲ୍ଲାସ୍ତରୀୟ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

କେନ୍ଦୁଝର, ୧୩/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଦିନ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲାରେ ଶିଶୁ ମାନଙ୍କର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ୪ଟି କମିଟି ଯଥା ଜିଲ୍ଲା ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତିକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲଡ ଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ଅଧ୍ୟକ୍ଷତାରେ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ମିଳିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଳିକ ନିଜ ଅଭିଭାଷଣରେ ଜିଲ୍ଲାର ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା ଓ ବାଲ୍ୟବିବାହକୁ ରୋକିବା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛନ୍ତି, ବିଭାଗ ଗୁଡିକ ଭିତରେ ଉତମ ସମ୍ପର୍କ ଓ ସମନ୍ୱୟ ରଖି ଜିଲ୍ଲାରେ ସମସ୍ତ ଶିଶୁ ମାନଙ୍କୁ ସୁରକ୍ଷା ଦେବା ପାଇଁ ବ୍ଲକ, ପଂଚାୟତ ଓ ଗ୍ରାମ ସ୍ତରୀୟ କମିଟି ମାନେ ନିୟମିତ ଭାବେ ବୈଠକ କରିବେ ଓ ବୈଠକର ବିବରଣୀକୁ ଉପରୋକ୍ତ କମିଟିକୁ ପ୍ରଦାନ କରିବେ । ଆମେ ଯେଉଁ କାର୍ଯ୍ୟ କରୁଛେ ତାହା ଆଗାମୀ ଦିନରେ ଜିଲ୍ଲା ପାଇଁ ସୁଫଳ ଆଣିଦେବ। ଗୋଟିଏ ବିଭାଗର କାର୍ଯ୍ୟ ଅନ୍ୟ ବିଭାଗ ପ୍ରତି ପରୋକ୍ଷରେ ସହାୟକ ହେବା ଉଚିତ । ତେଣୁ ମିଳିତ ଭାବେ ଯୋଜନା କରି କାର୍ଯ୍ୟ ସମ୍ପାଦନ କରିବାର ଆବଶ୍ୟକତା ରହିଛି ।

ଲଙ୍ଗଳେଶ୍ୱର ସତସଙ୍ଗ ବିହାରର ଶ୍ରୀ ମନ୍ଦିରର ଶୁଭ ଉଦ୍‌ବୋଧନ ଉତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ

ଲଙ୍ଗଳେଶ୍ୱର, ୧୩/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ସତ ସଙ୍ଗ ବିହାରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଙ୍କର ୧୩୭ ତମ ଜନ୍ମ ମହୋତ୍ସବ ଏବଂ ଶ୍ରୀ ମନ୍ଦିରର ଶୁଭ ଉଦବୋଧନ ଉତ୍ସବ ଆସନ୍ତା ୧୬ ତାରିଖ ଦିନ ହେବା ନେଇ ଶୁକ୍ରବାର ମନ୍ଦିର ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଋତ୍ୱିକ ଦେବ କେଦାରନାଥ ମହାନ୍ତି ଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀ ରେ ଋତ୍ୱିକ ଦେବ ଚକ୍ରଧର ଜେନା, ହୃଦୟ ରଞ୍ଜନ ତ୍ରିପାଠୀ, କାହ୍ନୁ ଚରଣ ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ସାମନ୍ତରାୟ, ପ୍ରଶାନ୍ତ କୁମାର ଦେ, ସ୍ଥାନୀୟ ସରପଞ୍ଚ କାଳି ଚରଣ ଜେନା ପ୍ରମୁଖ ଯୋଗ ଦେଇ ଆଚାର୍ଯ୍ୟ ଦେବଙ୍କ ଆଗମନ, ଶ୍ରୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା, ଶୁଭ ଉଦବୋଧନ ଉତ୍ସବ ଆଦି କାର୍ଯ୍ୟକ୍ରମ ସମ୍ପର୍କ ରେ ସୂଚନା ଦେଇ ଥିଲେ। ଏହି ଅବସରରେ ଭକ୍ତ ସମ୍ମିଳନୀ, ମାତୃ ସମ୍ମିଳନୀ, ସଂକୀର୍ତ୍ତନ, ଉଷା କୀର୍ତ୍ତନ, ଦେବ ମାଙ୍ଗଳିକ, ପ୍ରାଥନା ସଭା, ନାମ ଜପ, ସତ ଗ୍ରନ୍ଥ ପାଠ, ଭକ୍ତି ସଙ୍ଗୀତ ପରିବେଷଣ ଆଦି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଭକ୍ତ ମାନଙ୍କୁ ନେଇ ଏକ ସାଧାରଣ ସଭା ମଧ୍ୟ ଆୟୋଜନ କରା ଯାଇଛି। ଆଇନ ଶୃଙ୍ଖଳା, ସୁରକ୍ଷା ତଥା ସୁ ବ୍ୟବସ୍ଥା ବ୍ୟବସ୍ଥିତ ଢଙ୍ଗରେ କରାଯିବା ନେଇ ସମସ୍ତ ସ୍ଥିରୀକୃତ ହୋଇଛି। ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଭକ୍ତଙ୍କ ସମାବେଶ ହେବ। ସତସଙ୍ଗ ବିହାର ସମ୍ପାଦକ ସଞ୍ଜୟ କୁମାର ପାତ୍ର କାର୍ଯ୍ୟକ୍ରମ ସମ୍ପର୍କ ରେ ପ୍ରାରମ୍ଭିକ ସୂଚନା ଓ ବିବରଣୀ ପ୍ରଦାନ କରିଥିଲେ।

କେନ୍ଦ୍ରାପଡ଼ାରେ ଯୁବ ସାଂସ୍କୃତିକ ମହୋତ୍ସବ

କେନ୍ଦ୍ରାପଡ଼ା, ୧୩/୧୨ (ନି.ପ୍ର): ବିବିଧ କଳାର ସମାବେଶୀ ମଂଚ 'ସିମ୍ପୋନି' ପକ୍ଷରୁ ଚଳିତ ମାସ ୨୭ ଡିସେମ୍ବରରେ ପ୍ରଥମ ଜିଲ୍ଲା ଯୁବ ସାଂସ୍କୃତିକ ମହୋତ୍ସବ 'ଯୁବ ତରଙ୍ଗ'ର ଆୟୋଜନ କରିବାକୁ ଯାଉଛି। ଏଥିନିମନ୍ତେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ହେବାକୁ ଥିବା ଏହି ଏକଦିବାସୀୟ ଜିଲ୍ଲାସ୍ତରୀୟ ଉତ୍ସବରେ ଯୁବ ବର୍ଗ ସେମାନଙ୍କ ବିବିଧ କଳା ଓ ସୃଜନାତ୍ମକ କଳା ନୈପୁଣ୍ୟ ପ୍ରଦର୍ଶନର ସୁଯୋଗ ଲାଭ କରିବେ। ୧୫ ବର୍ଷରୁ ୨୯ ବର୍ଷ ମଧ୍ୟରେ ଥିବା ଯୁବ ପ୍ରତିଭାଧାରୀମାନେ ଏହି ଅବସରରେ କବିତା, ଗଳ୍ପ, ହାସ୍ୟ ଅଭିନୟ, ଚିତ୍ରକଳା, ନୃତ୍ୟ, ଏକକ ଅଭିନୟ, ସଙ୍ଗୀତ କଳା ପରିବେଷଣ କରିବେ। ଏହି ବୟସ ବର୍ଗ ମଧ୍ୟରେ ଆସୁଥିବା ଯୁବ ସୃଜନାଶିଳ୍ପୀମାନେ ସେମାନଙ୍କ କଳା ସଙ୍ଗୀତ ଅନୁଷ୍ଠାନ କିମ୍ବା ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସୁପାରିଶ ପତ୍ର ମାଧ୍ୟମରେ ଯୋଗଦାନ କରି ପାରିବେ। ବିଶେଷକରି ଦଳଗତ ଇଭେଂଟକୁ ଅଗ୍ରାଧିକାର ଦିଆଯିବ ବୋଲି ସିମ୍ପୋନିର ମୁଖ୍ୟ କାର୍ଯ୍ୟ ନିବାହୀ ଡ଼ ହିମାଂଶୁ ପରିଡ଼ା ଜଣାଇଛନ୍ତି। ଅଂଶଗ୍ରହଣକାରୀ ସମସ୍ତଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବ। ଏତଦ୍ ବ୍ୟତୀତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଜିଲ୍ଲାରୁ କୃତିତ୍ୱ ହାସଲ କରି ଥିବା ସମସ୍ତ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ପ୍ରସ୍ତୁତି ବୈଠକରେ ପ୍ରଥମେ ସଂଯୋଜକ ସ୍ୱପ୍ନାଂଶୁ କୁମାର ଦାସ ସ୍ୱାଗତ ଭାଷଣ, ସମ୍ପାଦକ ଡ. ବିନାୟକ ପ୍ରସାଦ ପ୍ରଧାନ ପ୍ରାରମ୍ଭିକ ସୂଚନା ଓ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଭାପତି ନବ ଜ୍ୟୋତି ରାୟ ପରାମର୍ଶ କ୍ରମେ ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପର୍ଣ୍ଣ କରିବା ପାଇଁ ଚାରିଜଣ କାର୍ଯ୍ୟକ୍ରମ ସଂଯୋଜକ ସର୍ବଶ୍ରୀ ଡ. ଗିରିଜା କାନ୍ତ ଦାସ, ଡ. ଆଶୁତୋଷ ରାଉତ, ଜୟଶ୍ରୀ ଦାସ , ଦିବ୍ୟ ରଞ୍ଜନ ବେହେରା ଏବଂ ସେମାନଙ୍କୁ ସହାୟତା ନିମନ୍ତେ ସହ ସଂଯୋଜ ଭାବେ ଗୋଲାପ ରାଉତ, ଲିଜକ୍ଷ ପଣ୍ଡା, ସିନ୍ଦୁଲତା ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଉପସ୍ଥିତ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ଼ ସୁକାନ୍ତ କୁମାର ପ୍ରଧାନ, ଦିଲ୍ଲୀପ କୁମାର ସ୍ୱାଇଁ, ଗୌତମ ଚନ୍ଦ୍ର ଜେନା, ପବିତ୍ର କୁମାର ସାହୁ, କେମ୍ ସମ୍ପାଦକ ମହମ୍ମଦ ଜାହିଦ ଖାଁ, କବି ଶୁଭ୍ରାଂଶୁ କୁମାର ଦାସ, ନୃସିଂହ ତ୍ରିପାଠୀ, କୈଳାସ ଚନ୍ଦ୍ର ମହାନ୍ତି, ସୂର୍ଯ୍ୟକାନ୍ତ ମହାନ୍ତି, ଶାନ୍ତନୁ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସର୍ବଶେଷରେ କୋଷାଧ୍ୟକ୍ଷ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଦକ୍ଷିଣ ପୂର୍ବ ରେଳପଥ ମେନ୍ସ ୟୁନିୟନ୍ ସ୍ୱୀକୃତି ନିର୍ବାଚନରେ ବିପୁଳ ବିଜୟ

ବାଲେଶ୍ୱର, ୧୩/୧୨ (ନି.ପ୍ର): ରେଲୱେ ବୋର୍ଡ଼ର ନିଷ୍ପତି କ୍ରମେ ଗୁପ୍ତ ମତଦାନ ପ୍ରକ୍ରିୟାରେ ଗତ ଡିସେମ୍ବର ୪ ତାରିଖରୁ ୬ ତାରିଖ ମଧ୍ୟରେ ଅନୁଷ୍ଠିତ ନିର୍ବାଚନରେ ଦକ୍ଷିଣପୂର୍ବ ରେଳପଥ ଜୋନ୍‌ରେ କେବଳ ଦକ୍ଷିଣ ପୂର୍ବ ରେଳପଥ ମେନ୍ସ ୟୁନିୟନ୍ ଐତିହାସିକ ବିପୁଳ ବିଜୟ ହାସଲ କରିଥିବାରୁ ଏବଂ ପ୍ରଥମ ସ୍ଥାନ ଗ୍ରହଣ କରିଥିବାରୁ ବାଲେଶ୍ୱର ଶାଖା କାର୍ଯ୍ୟାଳୟରେ କାଲି ସନ୍ଧ୍ୟାରେ ହର୍ଷ ଓ ଉଲ୍ଲାସର ସହିତ ବିଜୟ ଉତ୍ସବ ପାଳନ କରାଯାଇଛି । ଏହି ସ୍ମରଣୀୟ ଓ ଐତିହାସିକ ବିଜୟ ପାଇଁ ବାଲେଶ୍ୱର ଶାଖା ୟୁନିୟନର କର୍ମକର୍ତା, ବାଂଚ କାଉନସିଲର, ସକ୍ରିୟ ସଦସ୍ୟ ଅକ୍ଳାନ୍ତ ପରିଶ୍ରମ କରିଥିବାରୁ ୟୁନିୟନର ମୁଖ୍ୟ ଉପଦେଷ୍ଟା ଶ୍ରୀ ଗୌରସାଧନ ମିଶ୍ର ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ ଏବଂ ଏହି ବିଜୟ ପାଇଁ କେନ୍ଦ୍ରିୟ ପ୍ରତିନିଧି ଶ୍ରୀ ଅଭିଜିତ୍ ମଲ୍ଲିକ ଓ ଅନ୍ୟ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଏଥିପାଇଁ ବାଲେଶ୍ୱର ଶାଖାର କାର୍ଯ୍ୟକାରୀ ସଭାପତି ଶ୍ରୀ ଅରୁଣ କୁମାର ପଲେଇ, ଉପସଭାପତି ଶ୍ରୀ ଉମେଶ ଚନ୍ଦ୍ର ଅଗସ୍ତି, ସହ ସଂପାଦକ ଓ ସଂଗଠନ ସଂପାଦକ ଶ୍ରୀ ନିତ୍ୟାନନ୍ଦ ମହାନ୍ତି, ଶ୍ରୀ ଶିଶିର କୁମାର ଦାସ, ଶ୍ରୀ ସୁବ୍ରତ ବିଶ୍ୱାସ, ଶ୍ରୀ ସନାତନ ଗାୟନ, ଶ୍ରୀ ନିର୍ମଳ ଚନ୍ଦ୍ର ବେହେରା, ଶ୍ରୀ ଦିନେଶ ରାମ ଓ ଶାଖାର ସମସ୍ତ ସଦସ୍ୟମାନେ ପ୍ରଚାର ଅଭିଯାନରେ ପୂର୍ଣ୍ଣ ସହଯୋଗ କରିଥିବାରୁ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବିପୁଳ ବିଜୟ ପାଇଁ ବାଲେଶ୍ୱର ଶାଖାର ସଭାପତି ଶ୍ରୀ ଅଭିମନ୍ୟୁ ବେହେରା ଓ ସଂପାଦକ ଶ୍ରୀ ଜ୍ୟୋତିଷ କୁମାର ଦାସ ସମସ୍ତ ୟୁନିୟନ୍ତର ସଦସ୍ୟ ଓ ରେଳ କର୍ମଚାରୀଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଆଗାମୀ ଦିନରେ ମୁଖ୍ୟ ଉପଦେଷ୍ଟା ଶ୍ରୀ ଗୌରସାଧନ ମିଶ୍ରଙ୍କ ମାର୍ଗଦର୍ଶନରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଜଣାଇଥିଲେ ।

ଜନଜାତୀୟ ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ

ଭବାନୀପାଟଣା, ୧୩/୧୨ (ନି.ପ୍ର): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନରେ ଥିବା ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ମାଇ ଭାରତ ଓ ସିଆରପିଏଫ ୬୪ ବେଟାଲିଆନଙ୍କ ମିଳିତ ଉଦ୍ୟମରେ ୧୬ତମ ଜନଜାତିୟ ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ନେହେରୁ ଯୁବ କେନ୍ଦ୍ର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି କାର ?ୟ୍ୟକ୍ରମ ରେ ବିଶାଖାପାଟଣା ଯାଇଥିବା ୪୦ ପ୍ରତିଭାଗୀ ଓ ମୁମ୍ବାଇ ଯାଇଥବା ୩୦ ପ୍ରତିଭାଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭଗନେଇଥିବା ଯୁବକ ଯୁବତୀଙ୍କୁ ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣ କରିବା ସହ ଦକ୍ଷତା ବିକାଶ ତାଲିମ ସାଙ୍ଗକୁ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ କରାଯାଇଥାଏ। ଏଥିରେ ବିଶାଖାପାଟଣା ଯାଇଥିବା ଦଳ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମୁମ୍ବାଇ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତା ରେ ବିଶାଖାପାଟଣା ଯାଇଥିବା ଝରଣା ମାଝୀ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ମୁମ୍ବାଇ ଯାଇଥିବା ବନ୍ଦିନୀ ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ ଏବଂ କଳାହାଣ୍ଡି ପାଇଁ ଗୌରବ ଆଣିଥିଲେ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ବିବେକାନନ୍ଦ ମହାନନ୍ଦ,ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ପାଢ଼ୀ, ଡି.ପି.ଆର. ଓ ଶ୍ରୀ ହଳଦର ନିଆଲ ଓଡ଼ିଶା ଭାସ୍କର ଜିଲ୍ଲା ପ୍ରତିନିଧି ଶ୍ରୀ ଲଳିତ କାନୁନଗୋ, ୬୪ ଇନିସ୍ପେକଟର ସି.ଆର. ପି. ଏଫ ପ୍ରବୀଣ ପଧାନ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଆୟୋଜନ ର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଏହାର ସଫଳ କାର୍ଯ୍ୟକାରିତା ଉପରେ ଯୁବକ ଯୁବତୀ ମାନଙ୍କ ପ୍ରମୂଖ ଭୂମିକା ଥିବା ଦର୍ଶାଇଥିଲେ ଏବଂ ଉତ୍ସାହିତ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଅଲ୍ଲୁ ଅର୍ଜୁନଙ୍କୁ ମିଳିଲା...

ଘଟଣା ଘଟିବା ଦିନ ସନ୍ଧ୍ୟା ଥିଏଟରକୁ ଅଲ୍ଲୁ ଅର୍ଜୁନ ଆସିବେ ବୋଲି ଥିଏଟର କର୍ତ୍ତୃପକ୍ଷ ସୂଚନା ଦେଇ ନଥିଲେ ବୋଲି ପୁଲିସ ଅଭିଯୋଗ କରିଛି। କିନ୍ତୁ ଏବେ ସାମ୍ନାକୁ ଆସିଛି ସନ୍ଧ୍ୟା ଥିଏଟରର ସେହି ଚିଠି ଯାହାକୁ ୨ ତାରିଖରେ ଚିକ୍କଡପଲ୍ଲୀ ଥାନାର ଏସିପିଙ୍କୁ ଦିଆଯାଇଥିଲା। ସେଥିରେ ସ୍ପଷ୍ଟ ଭାବେ ଲେଖାଯାଇଥିଲା ଯେ ଫିଲ୍ମ ଦେଖିବାକୁ ଅଲ୍ଲୁ ଅର୍ଜୁନ ଓ ପ୍ରଡକ୍ସନ ୟୁନିଟ ଅନ୍ୟ ସମସ୍ତ ସଦସ୍ୟ ଏବଂ ଭିଆଇପିମାନେ ଆସୁଛନ୍ତି। ତେଣୁ ଫ୍ୟାନ୍‌ଙ୍କ ପ୍ରବଳ ଭିଡ଼ ଜମି ପାରେ। ତେଣୁ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବାକୁ ସନ୍ଧ୍ୟା ଥିଏଟର ପକ୍ଷରୁ ପୁଲିସକୁ ଅନୁରୋଧ କରାଯାଇଥିଲା।

ପ୍ରେମିକା ପାଇଁ ଗୁଳି ...

ଚାକିରି ଭିତରେ ସେ ଜଣେ ଯୁବତୀଙ୍କ ପ୍ରେମରେ ପଡ଼ିଥିଲେ। ଉଭୟ ପରସ୍ପରକୁ ଭଲ ପାଉଥିଲେ। ବିବାହ କରିବା ପାଇଁ କେତେ କଣ ସ୍ୱପ୍ନ ଦେଖୁଥିଲେ। ହେଲେ ପରିବାର ଲୋକେ ଦେବେନଙ୍କ ପ୍ରେମକୁ ସ୍ୱୀକୃତି ଦେଲେନାହିଁ। ବୁଝାଇ ସୁଝାଇ ପ୍ରେମିକାଙ୍କଠାରୁ ଦୂରେଇ ନେଇଥିଲେ। ହେଲେ ଦେବେନ ତାଙ୍କ ପ୍ରେମିକାଙ୍କୁ ଭୁଲି ପାରୁନଥିଲେ। ପରିବାର ଲୋକଙ୍କ ଅଜଣାତରେ ନିୟମିତ ବ୍ୟବଧାନରେ ପ୍ରେମିକାଙ୍କୁ ଫୋନ୍ କରୁଥିଲେ ଓ ଭେଟାଭେଟି ହେଉଥିଲେ ଦେବେନ। ୨୦୨୩ ମସିହା ଫେବୁଆରୀ ମାସରେ ଦେବେନଙ୍କର ବିବାହ ପ୍ରସ୍ତାବ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଅଞ୍ଚଳର ସୌମ୍ୟାମୟୀ ବେ

ଶନିବାର, ଡିସେମ୍ବର ୧୪, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ପଶ୍ଚିମବାଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜାତୀୟ କ୍ୱାଲିଟି ନିଶ୍ଚିତତା ମାନକ ନିର୍ଦ୍ଧାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲିଆପାଳ , ୧୩/୧୨ (ନି.ପ୍ର): ପଶ୍ଚିମବାର୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୁଇ ଦିନିଆ ଜାତୀୟ କ୍ୱାଲିଟି ନିଶ୍ଚିତତା ମାନକ ନିର୍ଦ୍ଧାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଗତ ୯ ଓ ୧୦ ତାରିଖ ଦୁଇ ଦିନ ଧରି ଆର୍ମ ସଂଗଠନ ଦ୍ୱାରା ପରିଚାଳିତ ପଶ୍ଚିମବାର୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜାତୀୟ ସ୍ତରରୁ ଆସିଥିବା ଜାତୀୟ ମାନ ନିର୍ଦ୍ଧାରକ ଟିମର ମୁଖ୍ୟ ଡାକ୍ତର ବାଲାଜି ବୋଡା,ଡାକ୍ତର ରବିଶଙ୍କର ଏବଂ ରାଜ୍ୟ ସ୍ତରୀୟ ବୋର୍ଡ ଟିମର ମୁଖ୍ୟ ଡାକ୍ତର ବିଜୟ କୁମାର,ଜିଲ୍ଲା କ୍ୱାଲିଟି ମ୍ୟାନେଜର ସଞ୍ଜିବ କୁମାର ପରିଡା, ଶରତ ମହାପାତ୍ର, ଡାକ୍ତର ସଞ୍ଜିବ ପରିଡା, ଡିପିଏମ ଅନିଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ ସ୍ୱାସ୍ଥ୍ୟ କେନ୍ଦ୍ର କିପରି ଲୋକଙ୍କୁ ଭଲ ସ୍ୱାସ୍ଥ୍ୟ ସେବା ଯୋଗାଇବ ସେ ଦିଗରେ ତର୍ଜମା କରିଥିଲେ।ଏହି କାର୍ଯ୍ୟକ୍ରମରେ ହାତୀଗଡ଼ ସିଏଚସିର ଇନଚାର୍ଜ ଡାକ୍ତର ଭୀଷ୍ମ ପରିଡ଼ା, ବିପିଏମ୍, ବିଡିଏମ, ଏସଟିଏଲଏସ, ଏସଟିଏସ, ଆରବି ଏସକେ ଟିମଙ୍କ ସହିତ ପଶ୍ଚିମବାର୍ଡ, ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ପ୍ରାକ୍ତନ ସିଡିଏମଓ ଡାକ୍ତର ବ୍ରଜ ମୋହନ ପାତ୍ର(ଏମଏସ) ଡାକ୍ତର ସଞ୍ଜିବ କୁମାର ପଣ୍ଡା, ଷ୍ଟାଫନର୍ସ ଅଳକା ଦାସ, ମହିଳା ସ୍ୱାସ୍ଥ୍ୟ କର୍ମୀ ନମିତା ସାହୁ, ଦୀପିକା ଧଳ, ଇନ୍ଦିରା ହୁଇ, ଟେକ୍ନିସିଆନ ଜଗନ୍ନାଥ ପାତ୍ର, ଫାର୍ମାସିଷ୍ଟ ସୁଜୟ ଦାସ, ସ୍ୱାସ୍ଥ୍ୟ କୋର୍ଡିନେଟର ପ୍ରଦ୍ୟୁଷ କୁମାର ଚାନ୍ଦ, କର୍ମଚାରୀ ପରିମଳ ସେନ, ସୁଶାନ୍ତ ଘଡେଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ।

ଇନ୍‌ଟାକ୍ ଭଦ୍ରକର ଓ.ଏ.ଏସ୍. ଟପର ଶ୍ୱେତାଶ୍ରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ , ୧୩/୧୨ (ନି.ପ୍ର): ଇନ୍‌ଟାକ୍ ଚାପ୍ଟର ପକ୍ଷରୁ ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମାବେଶ କେନ୍ଦ୍ର ନିତ୍ୟାନନ୍ଦ ଭବନରେ କନ୍‌ଭେନ୍‌ର ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ୨୦୨୪ ମସିହା ଓଡ଼ିଶା ପ୍ରଶାସନିକ ସେବା(ଓ.ଏ.ଏସ୍) ପରୀକ୍ଷାରେ ଟପର ହୋଇଥିବା ଶ୍ୱେତାଶ୍ରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସହକନ୍‌ଭେନ୍‌ର ଏସ୍.ଏମ୍.ଫାରୁକ, ଯୁଗ୍ମ କନ୍‌ଭେନର ପ୍ରଭାକର ମଲ୍ଲିକ, ସମ୍ବର୍ଦ୍ଧିତ ପ୍ରତିଭା ଶ୍ୱେତାଶ୍ରୀ ମହାପାତ୍ର ଓ ତାଙ୍କ ପିତା ମୁକ୍ତିକାନ୍ତ ମହାପାତ୍ର ମଞ୍ଚାସୀନ ଥିଲେ। ସମ୍ବର୍ଦ୍ଧନା ମାନପତ୍ର ପାଠ କରିଥିଲେ ହରମୋହନ କୁଅଁର । ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ମଞ୍ଚାସୀନ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଶ୍ୱେତାଶ୍ରୀ ମହାପାତ୍ର ତାଙ୍କ ନିଜର ଅନୁଭୂତି ଓ ଭବିଷ୍ୟତର କର୍ତ୍ତବ୍ୟ ସମ୍ବନ୍ଧରେ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ସଂଯୋଜନା କରିଥିଲେ ଅଜିତ୍ କୁମାର ନାୟକ ଓ ଅଜିତ୍ କୁମାର ଦାସ । ସଦସ୍ୟ ଡ଼. ଗୋଲକ ବିହାରୀ ସାହୁ, ଡ଼. ମନୀନ୍ଦ୍ର ମହାନ୍ତି, ଡ଼. ଭାଗବତ ତ୍ରିପାଠୀ, ଡ଼. କ୍ଷୀରୋଦ କୁମାର ସାମଲ, ଉଦୟନାଥ ମହାନ୍ତି , ଦୁଃଶାସନ ମହାନ୍ତି, କାଶୀନାଥ ସାହୁ, ଅରବିନ୍ଦ ବସନ୍ତରାୟ, ପ୍ରମୁଖ ବହୁ ସଦସ୍ୟ ସଭାରେ ଉପସ୍ଥିତ ଥିଲେ । ଶେଷରେ କରୁଣାକର ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଶ୍ରୀମନ୍ଦିର ଶୁଭ ଉଦବୋଧନ ମହୋତ୍ସବ

ବେତନଟୀ , ୧୩/୧୨ (ନି.ପ୍ର): ପରମପୂଜ୍ୟ ପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବ ଆଗାମୀ ୧୬ ଡିସେମ୍ବର ସୋମବାର ପ୍ରାତଃ ଆଠରୁ ଦଶ ଘଣ୍ଟା ମଧ୍ୟରେ ବେତନଟୀରେ ନବନିର୍ମିତ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶ୍ରୀମନ୍ଦିର ଉଦ୍ଘାଟନ କରିବେ। ଏଥିନିମନ୍ତେ ବିଭିନ୍ନ ପ୍ରାନ୍ତରୁ ବହୁ ସତସଙ୍ଗୀ ଉକ୍ତଦିନ ବେତନଟୀସ୍ଥ ସତସଙ୍ଗ ବିହାର ସମାବେଶରେ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଅଛି । ଉକ୍ତଦିନ ପ୍ରତ୍ୟୁଷ ଘଣ୍ଟ.୨୩ ମିନିଟରୁ ରାତ୍ର ୯ ଘଣ୍ଟା ପର୍ଯ୍ୟନ୍ତ ବିଭିନ୍ନ ମାଙ୍ଗଳିକ କର୍ମମାନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଅଛି। ତନ୍ମଧ୍ୟରେ ଉଷା କୀର୍ତ୍ତନ, ସଂଗୀତାଞ୍ଜଳି,ନାମ ସଂକୀର୍ତ୍ତନ, ସଂଧ୍ୟା ବିନତି ପ୍ରାର୍ଥନା,ଆତସବାଜି ଇତ୍ୟାଦି ସକାଳରୁ ସଂଧ୍ୟା ପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିସରରେ ଚାଲୁରହିବ। ଜନସାଧାରଣ ବହୁସଂଖ୍ୟାରେ ଯୋଗ ଦେବାକୁ ସ.ପ୍ର.ରିତିକ ଖଗେନ୍ଦ୍ରନାଥ ସାହୁ କମିଟି ତରଫରୁ ଅନୁରୋଧ ଜଣାଇଛନ୍ତି।

ପାରାଦ୍ୱୀପରେ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ଦ୍ୱିତୀୟ ସନ୍ଧ୍ୟା

ପାରାଦ୍ୱୀପ , ୧୩/୧୨ (ନି.ପ୍ର): ବନ୍ଦର ନଗରୀ ପାରାଦ୍ୱୀପର ଜୟଦେବ ସଦନ ଠାରେ ଆୟୋଜିତ ୨୪ତମ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ଦ୍ୱିତୀୟ ସନ୍ଧ୍ୟାରେ ଭରପୁର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜିର ସନ୍ଧ୍ୟାରେ କୋଚିନ, ଜବାହାର ଲାଲ ନେହେରୁ , ଚେନ୍ନାଇ ବନ୍ଦରର କଳାକାର ମାନେ ନିଜ ନିଜ ଭାଷାରେ ନୃତ୍ୟ, ସଙ୍ଗୀତ ଓ ନାଟକ ପ୍ରସ୍ତୁତ କରିଥିଲେ ଯେଉଁଥିରେ ସେମାନଙ୍କ ରାଜ୍ୟର ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା । ପ୍ରତିଯୋଗିତା ଆଧାରରେ ଆୟୋଜିତ ଏହି ସମାରୋହରେ ସବୁ ବନ୍ଦରର କଳାକାର ମାନେ ସେମାନଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପ୍ରସ୍ତୁତ ଅଛନ୍ତି । ସମାରୋହରେ ବିଭିନ୍ନ ବନ୍ଦରରୁ ଆସିଥିବା କଳାକାର ମାନଙ୍କର ପ୍ରସ୍ତୁତି ସତେ ଯେପରି ସାରା ଭାରତ ବର୍ଷକୁ ପାରାଦ୍ୱୀପରେ ଏକାଠି କରିବାରେ ସଫଳ ହୋଇଛି । ଭାଷାଗତ ବିଭିନ୍ନତା ଥାଇ ମଧ୍ୟ କାର୍ଯ୍ୟକ୍ରମରେ ଭରପୁର ଦର୍ଶକ ଆନନ୍ଦ ନେଉଛନ୍ତି।

ଅଗ୍ନି କାଣ୍ଡରେ ଦୁଇ ବଖରା ଘର ଭସ୍ମୀଭୂତ

ଲଙ୍ଗଳେଶ୍ୱର, ୧୩/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତର ଦାନ୍ତୁଣିତା ଗ୍ରାମରେ ରହୁଥିବା ସ୍ୱାମୀ ପତିତ୍ୟକ୍ତା ମହିଳା କଟିମଣି ଦଳାଇ (ବ ୩୯) ଙ୍କର ଶୁକ୍ରବାର ପୂର୍ବାହ୍ନ ୧୦ ଘଟିକାରେ ହଠାତ୍ ଘରେ ନିଆଁ ଲାଗି ଯିବାରୁ ଦୁଇ ବଖରା ଚାଳଘର, ଧାନ ଚାଉଳ ସହିତ ଆସବାବପତ୍ର ସମ୍ପୂର୍ଣ୍ଣ ଭାବେ ପୋଡି ପାଉଁଶ ହୋଇଯାଇଛି। ଅଗ୍ନି ଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘର ଚୁଲିରୁ ଅସାବଧାନତା ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଏ।ଅସହାୟ ମହିଳାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ରାମ ଚନ୍ଦ୍ର ରାଉତ, ମୃତ୍ୟୁଞ୍ଜୟ ନାୟକ, ସଂକେତ କୁମାର ପାତ୍ର, ଅଶୋକ କୁମାର ଜେନା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ୨୦୨୪-୨୫ ପାଳିତ

ବାଲେଶ୍ୱର, ୧୩/୧୨ (ନି.ପ୍ର): ଯୁବମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ପରିପ୍ରକାଶ କରିବା ସହିତ ତାଙ୍କର ଦକ୍ଷତାକୁ ପ୍ରତିପାଦନ କରିବା ଉଦ୍ଦେଶ୍ୟରେ ଆଜି ସକାଳ ୧୦.୩୦ ଘଟିକାରେ ବାଲେଶ୍ୱର ସଦର ମହକୁମାସ୍ଥିତ ଗାନ୍ଧୀ ସ୍ମୃତି ଭବନଠାରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ-୨୦୨୪-୨୫ ପାଳିତ ହୋଇ ଯାଇଛି । ଉଦ୍ଘାଟନୀ ସମାରୋହରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହାପରେ ଯୁବ ପ୍ରତିଯୋଗୀ ମାନଙ୍କୁ ଉଦବୋଧନ ଦେଇ ଉତ୍ସାହିତ କରିଥିଲେ। ତା ପରବର୍ତ୍ତୀ ବିଜ୍ଞାନ ମେଳା ପ୍ରଦର୍ଶନୀ ଉଦଘାଟନ କରି ସମସ୍ତ ପ୍ରକଳ୍ପ ବୁଲି ଦେଖିଥିଲେ । ଏହା ପରେ ୧୧ ଗୋଟି ବର୍ଗ ଯଥା ୧. ବିଜ୍ଞାନ ମେଳା (ଗ୍ରୁପ୍) ୨.ବିଜ୍ଞାନ ମେଳା(ଏକାକୀ) ୩. ପଦ୍ୟ ୪. ଚିତ୍ରକଳା ୫. ମୋବାଇଲ ଫଟୋଗ୍ରାଫି ୬. ଔପଚାରିକ ବକ୍ତୃତା ୭. ଦଳଗତ ଲୋକନୃତ୍ୟ ୮. ଏକାକୀ ଲୋକନୃତ୍ୟ ୯. ଦଳଗତ ଲୋକ ସଙ୍ଗୀତ ୧୦. ଏକାକୀ ଲୋକ ସଙ୍ଗୀତ ୧୧. ଗଳ୍ପ ଲିଖନ ରେ ପ୍ରତିଯୋଗୀତା ଆରମ୍ଭ ହୋଇଥିଲା। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ପ୍ରଥମ ଦ୍ୱିତୀୟ ତୃତୀୟ ପ୍ରତିଯୋଗୀ ଚୟନ ହୋଇଥିଲା। ଏହା ପରେ ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଜଳେଶ୍ୱର ଶ୍ରୀ ଅଶ୍ୱିନୀ କୁମାର ପାତ୍ର, ସମ୍ମାନୀୟ ଅତିଥି ଭାବେ ମାନ୍ୟବର ବିଧାୟିକା ବସ୍ତା ଶ୍ରୀମତୀ ସୁବାସିନୀ ଜେନା ଏବଂ ମାନ୍ୟବର ଅଧକ୍ଷା ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ ଯୋଗଦାନ କରିଥିଲେ। ଏଥି ସହ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ଯୁବ ଅଧିକାରୀ ଏମ. ଦ୍ୱିଗ୍ନେଶ, ଆଇ.ପି.ଇ ଶ୍ରୀ ଅଶୋକ କୁମାର ନାୟକ ଓ ପ୍ରୋଗ୍ରାମ ଅଧିକାରୀ ଏନଏସଏସ ଶ୍ରୀ ଗୌରାଙ୍ଗ ପଣ୍ଡା ମଞ୍ଚାସୀନ ଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଠାରେ ସୂଚନା ଥାଉ କି, ଏହି ଯୁବ ଉତ୍ସବ ନେହେରୁ ଯୁବ କେନ୍ଦ୍ର ସଂଗଠନ, ବାଲେଶ୍ୱର ଏବଂ ଜିଲ୍ଲା ପ୍ରଶାସନ, ବାଲେଶ୍ୱରଙ୍କ ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ବିଭିନ୍ନ ବର୍ଗର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ ।

ଆନ୍ତଃକ୍ଲାସ୍ ଫୁଟବଲ ପ୍ରତିଯୋଗିତାର ଜର୍ସି ଉନ୍ମୋଚନ ସମାରୋହ

ବାରିପଦା, ୧୩/୧୨ (ନି.ପ୍ର): ବହୁ ବର୍ଷର ଅନ୍ତ ପରେ ଫୁଟବଲର ଗୌରବମୟ ଐତିହ୍ୟ କୁ ଫେରାଇ ଆଣିବା ପାଇଁ ଏମ୍ କେ ସି ହାଇସ୍କୁଲର ପୁରାତନ ଛାତ୍ର ସଂସଦ ପକ୍ଷରୁ ଡିସେମ୍ବର ୧୭ ଓ ୧୮ ତାରିଖ ଦିନ ବାରିପଦା ଷ୍ଟାଡିୟମ ରେ ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତିଭା ସମ୍ପନ୍ନ ଛାତ୍ର ଙ୍କୁ ନେଇ ଆନ୍ତଃ କ୍ଲାସ୍ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁ ଙ୍କ ପୌରହିତ୍ୟ ରେ ଓ ପୁରାତନ ଫୁଟବଲ ଖେଳାଳୀ ପ୍ରଦୀପ କିଶୋର ମହାନ୍ତି ଙ୍କ ନେତୃତ୍ୱରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ରେ ଫୁଟବଲ ଖେଳାଳୀ ଛାତ୍ର ମାନଙ୍କ ଦ୍ୱାରା ପ୍ରବଳ ଆନନ୍ଦ ଉଲ୍ଲାସ ମଧ୍ୟରେ ରଙ୍ଗ ବେରଙ୍ଗି ଜର୍ସି ର ଉନ୍ମୋଚନ ସମାରୋହ ସ୍କୁଲ କେମ୍ପସ୍ ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସ, ଉପସଭାପତି ଡ. ଅକ୍ଷୟ ଅଗ୍ରୱାଲ, ଉପଦେଷ୍ଟା ମାନସ ଷଡ଼ଙ୍ଗୀ, ସହ ସମ୍ପାଦକ ରବୀନ୍ଦ୍ର ସାହୁ, ବରିଷ୍ଠ ପୁରାତନ ଛାତ୍ର ଅମୂଲ୍ୟ ମିଶ୍ର, ହରିଶ ଷଡ଼ଙ୍ଗୀ, ଅନନ୍ତ ଦାଶ , ଅନ୍ତର୍ଯ୍ୟାମୀ ସାହୁ, ଅଶ୍ୱିନୀ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ ଓ ଯୁବ ଶିକ୍ଷକ ଶାନ୍ତନୁ ଦାସ ସଂଯୋଜନା କରିଥିଲେ। ପ୍ରଥମ ଥର ପାଇଁ ଆରମ୍ଭ ହେବାକୁ ଥିବା ଆନ୍ତଃ କ୍ଲାସ ଅମଲେନ୍ଦୁ ଦାସ ଓ ବିନୟ ବାନାର୍ଜୀ ମେମୋରିଆଲ ଶିଲ୍ଡ ଫୁଟବଲ ପ୍ରତିଯୋଗିତା ର ସଫଳ ରୂପାୟନ ପାଇଁ ବାରିପଦାର ଖେଳ ପ୍ରେମୀ ମାନଙ୍କ ସହଯୋଗ କାମନା କରା ଯାଉଛି।

ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉଦ୍‌ଘାଟିତ



ଖଇରା, ୧୩/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡଃ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ୪୩ତମ ବାର୍ଷିକ କ୍ରୀଡା ଗୁରୁବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ଅଧ୍ୟକ୍ଷ ଗଗନବିହାରୀ ରାଉତଙ୍କ ଉଦ୍‌ଘାଟନ ପରେ ଏକ ମଶାଲ ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି କୁପାରୀ ଶୁନ୍ୟମନ୍ଦିର ପହଞ୍ଚିବା ପରେ ସଞ୍ଚାଳକ ରାଜୁ ବାବା ମଶାଲରେ ଅଗ୍ନି ସଂଯୋଗ କରିଥିଲେ । ଛାତ୍ରଛାତ୍ରୀ ମାନେ କୁପାରୀ ବଜାର ପରିକ୍ରମା କରି ମହାବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ କ୍ରୀଡା ଶିକ୍ଷକ ରବିନ୍ଦ୍ର ନାଥ ନାୟକଙ୍କ ତତ୍ତ୍ୱାବଧାନରେ ଶପଥ ପାଠ କରାଯାଇଥିଲା । ଅଧ୍ୟକ୍ଷ କ୍ରୀଡାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ସଂଯୋଜକ ଲଲାଟେନ୍ଦୁ ମଲ୍ଲିକ ଶୃଙ୍ଖଳାର ସହ ଉକ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଅଧ୍ୟାପିକା ମାଳତୀ ଲତା ହାତୀ, ଡ ଆଭାରାଣି ବଳ, ଲକ୍ଷ୍ମୀପ୍ରିୟା ଜେନା, କସ୍ତୁରୀ ବେହେରା, ଅଧ୍ୟାପକ ଦୀପକ କୁମାର ଦାସ, ଦତ୍ତାତ୍ରେୟ ଦାସ, ଅଂଶୁମାନ ନାୟକ, କୃପାସିନ୍ଧୁ ମଲ୍ଲିକ, ଅଶୋକ କୁମାର ହାତୀ, ମନିଶ କୁମାର ରାଉତ, ଶୁଭକାନ୍ତ ବାରିକ, ଦେବାଶିଷ ଗୋଛାୟତ,ପ୍ରଦୀପ କୁମାର ବାରିକ, ଭକ୍ତବନ୍ଧୁ ସାହୁ, ବିଚିତ୍ର ନାୟକ ଓ ଚିରଞ୍ଜିବୀ ଦାସ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ପରେ ପିଲାମାନଙ୍କ ମଧ୍ୟରେ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ସର୍ଟପୁଟ, ଡିସକସ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ଖୋଲୁନି ଧାନମଣ୍ଡି: ନୀଳଗିରି ଅଞ୍ଚଳରୁ ଟ୍ରିପଟ୍ରିପ୍ ଧାନ ଆନ୍ଧ୍ର ଚୋରାଚାଲାଣ

ନୀଳଗିରି, ୧୩/୧୨ (ନି.ପ୍ର): କୁଇଣ୍ଟାଲ ପିଛା ସରକାରୀ ଫାଇନ (ଆରଏମସି) ମାତ୍ର ୨୩ ଟଙ୍କାରେ ଆନ୍ଧ୍ରକୁ ଯାଉଛି ଓଡିଶାର ଧାନ। ଧାନମଣ୍ଡି ଖୋଲୁନଥିବାରୁ ଚାଷୀ ଅଭାବୀ ବିକ୍ରି କରୁଥିବା ଅଭିଯୋଗ ହେଉଛି।ରାଜ୍ୟ ସରକାର ୩୧ଶହ ଟଙ୍କାରେ ଧାନ କିଣିବା ପାଇଁ ଜ୍ଞାପନ ଜାରୀ କରିଥିବା ବେଳେ ଗ୍ରାମାଞ୍ଚଳର ଚାଷୀ ସ୍ଥାନୀୟ ମହାଜନଙ୍କ ଠାରୁ ୪ ରୁ ୫ ଶତକଡା ମାସିକ ସୁଧହାରରେ କରଜ ଆଣି ଧାନ ଚାଷକରିଥିବା ବେଳେ ସୁଧ ଟଙ୍କା ଶୁଝିବା ପାଇଁ ଅଧା ଦରରେ ଅର୍ଥାତ୍ ୧୬ଶହରୁ ୧୮ଶହ ଟଙ୍କା ମଧ୍ୟରେ ଦଲାଲ ମାନଙ୍କୁ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି । ଏ ଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧୀନ କାଣ୍ଡଗରଡ଼ି ପଞ୍ଚାୟତର କାନପୁର ଛକ ନିକଟରେ।ଧାନଦଲାଲ ବିଦ୍ୟାଧର ବେହେରା ଆଜି ସକାଳ ପ୍ରାୟ୧୦ ଘଟିକା ସମୟରେ ଏକ ଆନ୍ଧ୍ର ଲରି ନମ୍ବର ଏପି ୦୫ ଟିଡି-୩୭୮୯ ସହାୟତାରେ ପାଖାପାଖି୨୦ଟନ ଧାନ ଆନ୍ଧ୍ରକୁ ପଠାଇବା ପାଇଁ ଉଦ୍ୟମ କରୁଥିବା ବେଳେ ଖବରପାଇ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପହଁଞ୍ଚି ଖବରସଂଗ୍ରହ କରିବା ସହିତ ନୀଳଗିରି ଆରଏମସି ଅଧିକାରୀ ଙ୍କୁ ସୂଚନା ଦେଇଥିଲେ । ସୂଚନା ପାଇ ଆରଏମସି ଅଧିକାରୀ ରତ୍ନାକର ବିଶ୍ୱାଳ ଘଟଣା ସ୍ଥଳରେ ପହଁଞ୍ଚି ଉକ୍ତ ଗାଡିକୁ ୪ ହଜାର ୬ଶହଟଙ୍କା ଫାଇନକାଟି ଚାଲି ଯାଇଥିବା ଦେଖିବାକୁ ମିଳିଛି । ଏନେଇ ଅଞ୍ଚଳ ରେ ଗଭୀର ଆଲୋଡନ ସୃଷ୍ଟି ହୋଇଥିବା ବେଳେ ଆରଏମସିର କାର୍ଯ୍ୟାନୁଷ୍ଠାନ ଉପରେ ସନ୍ଦେହ ସୃଷ୍ଟି କରିଛନ୍ତି। ସରକାରୀ କଟକଣା ସ୍ୱତ୍ତେ କିପରି ବାହାର ରାଜ୍ୟକୁ ଚୋରାରେ ଧାନ ଚାଲାଣ କରାଯାଉଛି ଏନେଇ ସନ୍ଦେହ ସୃଷ୍ଟି ହେଉଥିବା ବେଳେ ତୁରନ୍ତ ମଣ୍ଡି ଖୋଲିବା ସହିତ ଧାନର କଳାବଜାରୀକୁ ରୋକିବା ପାଇଁ ପ୍ରଶାସନ ଦୃଢ ପଦକ୍ଷେପ ନେବା ପାଇଁ ବୁଦ୍ଧିଜିବୀ ମାନେ ମତପ୍ରକାଶ କରିଛନ୍ତି ।

ଖଇରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୀତା ଜୟନ୍ତୀ

ଖଇରା, ୧୩/୧୨ (ନି.ପ୍ର): ଖଇରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ଗୀତା ଜୟନ୍ତୀ ପାଳିତ ହୋଇ ଯାଇଛି । ପ୍ରଥମେ ପରିବେଶ ସ୍ୱଚ୍ଛତା ବିଷୟରେ ଏକ ଆଲୋଚନା ଚକ